ଆଲୋଚନା କରାଯାଇଥିଲା ।ଜିଲ୍ଲାପାଳ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଉନ୍ନତି ସହିତ ସମସ୍ତ ଲମ୍ବିତ କାର୍ଯ୍ୟର ଶୀଘ୍ର ସମାପନ,ଭିତିଭୂମି ବିକାଶ,,ଆନ୍ତଃବିଭାଗୀୟ ସମନ୍ୱୟ ସୁଦୃଢ଼ କରିବା ଏବଂ ଯୋଜନାଗୁଡ଼ିକର ସମୟବଦ୍ଧ କାର୍ଯ୍ୟାନ୍ୱୟନ ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ ।ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ଡିପିସି ମିଶନ ଶକ୍ତି ଆରତୀ ସାହୁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ,ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଏବଂ ଶିକ୍ଷା ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଜନଜାତି ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ଜନ ଭାଗିଦାରୀ ଅଭିଯାନ ଆରମ୍ଭ

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର):ଅନୁସୂଚିତ ଜନଜାତିଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସରକାରଙ୍କ ଏକ କଲ୍ୟାଣକାରୀ ନୂତନ କାର୍ଯ୍ୟକ୍ରମ "ଜନ ଭାଗିଦାରୀ ଅଭିଯାନ" ଆଜି ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମଇ ୧୮ ରୁ ୨୫ ତାରିଖ ଯାଏଁ ଚାଲିବ। ଯାଜପୁର ଜିଲ୍ଲାରେ ମଧ ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜନଜାତିଙ୍କ ନିମନ୍ତେ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପ୍ରଚାର ପ୍ରସାର ସହ ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗ ଦ୍ୱାରା ହିତାଧିକାରୀ ସାଚୁରେଶନ କ୍ୟାମ୍ପ, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ସିଧାସଳଖ ହିତାଧିକାରୀଙ୍କୁ ସମସ୍ତ ଯୋଜନାର ସୁଫଳ ଯୋଗାଇ ଦିଆଯିବ। ଏନେଇ ଅଭିଯାନ ସମ୍ପର୍କରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀର



ଆୟୋଜନ କରାଯାଇଥିଲା। ଯାଜପୁର ଜିଲ୍ଲାର ୫ ଟି ଅନୁସୂଚିତ ଜନଜାତି ବହୁଳ ବ୍ଲକ ଯଥା ସୁକିନ୍ଦା, ଦାନଗଦୀ, କୋରେଇ, ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଗୋଷ୍ଠୀ ବିଶେଷ ଭାବେ ଉପକୃତ ହେବେ। ପ୍ରାୟ ୬୯ ଟି ଜନଜାତି ବହୁଳ ଗ୍ରାମରେ ଏହି ଅଭିଯାନ ବ୍ୟାପକ ଭାବେ ଅନୁଷ୍ଠିତ ହେବ। ବିଶେଷ କରି ପିଏମ୍ ଜନମନ୍ ଏବଂ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାର ସଫଳ ରୂପାୟନ କରାଯିବ। ଜନଜାତି ଗ୍ରାମଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପୋଷଣ, ପାନୀୟ ଜଳ ଭଳି ସୁବିଧା ସୁନିଶ୍ଚିତ କରାଯିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଶେଷରେ ଜିଲ୍ଲାରେ ଜନଜାତି ଗୋଷ୍ଠୀଙ୍କ ବିକାଶକୁ ନେଇ ସାମ୍ବାଦିକମାନେ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମାଙ୍ଗଳିକା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

# ବରପାଲି ସାମ୍ବାଦିକ ସଂଘ ପକ୍ଷରୁ କର୍କଟ ରୋଗର ସଚେତନତା ଶିବିର

ବରଗଡ଼/ବରପାଲି, ୩୧/୫ (ଆପଣଙ୍କ ସ୍ୱର):ବରଗଡ ଜିଲ୍ଲା ବରପାଲି ସ୍ଥିତ ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ବରପାଲି ସାମ୍ବାଦିକ ସଂଘ ପକ୍ଷରୁ କର୍କଟ ରୋଗ ସଚେତନତା ଶିବିର



ସଂଘର ସଭାପତି ଚିତ୍ତରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅଦ୍ୟ ୨୯ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ବିକାଶ ମଲ୍ଟି ହସ୍ପିଟାଲର ଏଚଓଡି ସର୍ଜିକଲ୍ ଡକ୍ଟର ଭରତ ଚନ୍ଦ୍ର ମିଶ୍ର, ସମ୍ମାନୀତ ଅତିଥି ଭାବରେ ଶ୍ରୀମତି ପ୍ରତିଭା ବାରିକ, ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାର, ତହସିଲଦାର ରୁକ୍ମଣ କୁମାର ମେହେର, ଏନଏସି ଅଧ୍ୟକ୍ଷ ଦିନେଶ ଗହିର, ବ୍ଲକ ଅଧ୍ୟକ୍ଷା ରିନା ଥଇତ, ବରପାଲି ଥାନା ଅଧିକାରୀ ପ୍ରମୋଦ କୁମାର ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ ସୁମନ୍ତ କୁମାର, ଡାକ୍ତର ରାଜେଶ କୁମାର ବେହେରା, ଡାକ୍ତର ନିମାଇଁ ଚରଣ ସାହୁ ଓ ମହିଳା କଲେଜ ଅଧ୍ୟକ୍ଷା ଶ୍ରୀମତୀ ପଦ୍ମିନୀ ଦାଶ ଯୋଗଦାନ କରି କର୍କଟ ରୋଗ ଅଧିକ ସଂକ୍ରମଣ ନହେବ ଏବଂ ସରକାରଙ୍କ ତରଫରୁ ଦିଆଯାଇଥିବା କର୍କଟ ରୋଗର ଟୀକା ଅଧିକରୁ ଅଧିକ ପରିମାଣରେ ୯ ବର୍ଷରୁ ଉର୍ଦ୍ଧ ଯୁବତୀମାନଙ୍କୁ ଟୀକା ଦେବା ସହିତ କେନ୍ସର ଜାତୀୟ ସଂକ୍ରମଣରୁ ବଞ୍ଚିତ ହେବା ପାଇଁ ଉପସ୍ଥିତ ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମେ ମାଆ ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରିଥିଲେ। ଏହି ଶିବିରରେ ବରିଷ୍ଠ ସାମ୍ବାଦିକ ବାଲ କିଶୋର ଖାଡ଼ଙ୍ଗା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ମୁକୁନ୍ଦ ମାହାରଙ୍କୁ ବରପାଲି ସାମ୍ବାଦିକ ସଂଘ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଶିବିରରେ ମାରୱାଡ଼ି ମହିଳା ସଂଘ, ସରସ୍ୱତୀ ମହିଳା ସଂଘ, ବରପାଲି ବ୍ଲକ ଓ ଏନଏସିର ସମସ୍ତ ଆଶା, ଅଙ୍ଗନୱାଡ଼ି, ସମସ୍ତ ସ୍ୱାସ୍ଥ୍ୟ କର୍ମୀ, ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ, ବରପାଲି ସାମ୍ବାଦିକ ସଂଘ, ବରଗଡ ଫାଇଟର୍ସ୍ ଗ୍ରୁପର ସୁନିଲ ଶର୍ମା, ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ସମାଜସେବୀ ନିବେଦିତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

Scanned with OKEN Scanner

## ସାହିତ୍ୟ ସଂପାଦକୀୟ

ସାହିତ୍ୟ ହେଉଛି ମନୁଷ୍ୟ ଜୀବନର ଅନୁଭୂତି, ଭାବନା ଓ ସଂସ୍କୃତିର ଜୀବନ୍ତ ପ୍ରତିଛବି। ଏହା କେବଳ ଶବ୍ଦରେ ସଜ୍ଜିତ କେତେକ ଧାଡ଼ିର ସମାହାର ନୁହେଁ, ବରଂ ମନର ଅନ୍ତର୍ନିହିତ ସ୍ୱରକୁ ପ୍ରକାଶ କରିବାର ଏକ ସୁନ୍ଦର ମାଧ୍ୟମ। ଯେଉଁଠାରେ ଭାଷା ନିର୍ବାକ ହୁଏ, ସେଠାରେ ସାହିତ୍ୟ କଥା କହେ।ଆମ ସମସ୍ତଙ୍କ ଦାୟିତ୍ୱ ହେଉଛି ସାହିତ୍ୟ ପ୍ରତି ଆକର୍ଷଣ ବଢ଼ାଇବା, ପଢ଼ିବାର ଅଭ୍ୟାସ ଗଢ଼ି ତୋଳିବା ଓ ନୂତନ ସୃଜନକୁ ପ୍ରୋତ୍ସାହନ ଦେବା। ସାହିତ୍ୟ ବଞ୍ଚିଲେ ସଂସ୍କୃତି ବଞ୍ଚିବ, ଏବଂ ସଂସ୍କୃତି ବଞ୍ଚିଲେ ସମାଜ ଆଗକୁ ବଢ଼ିବ। ଏହି ସାହିତ୍ୟ ପୃଷ୍ଠା ମାଧ୍ୟମରେ ଆପଣଙ୍କ ସ୍ୱର ର ଏଇ କ୍ଷୁଦ୍ର ପ୍ରୟାସ।

## ମୌସୁମୀ କୁ ଚିଠି

**ଶରତ ଦାଶ**



ମୌସୁମୀ,  
ଏବର୍ଷ ତୁମେ  
ଶିଘ୍ର ଆସୁଛ ବୋଲି ଜାଣି  
ଖୁବ୍ ଆନମନା ହୋଇ ଉଠିଥିଲି,  
ତୁମ ବରକୋଳିଆ ଟୋପାରେ  
ଭିଜିବି ବୋଲି ଶିହରି ଉଠୁଥିଲି,  
ତୁମ ବର୍ଷା ଛିଟାରେ  
ମୋର ତତଲା ପଣକୁ  
ଧୋଇବି ବୋଲି ଉଲ୍ଲସିତ ହେଉଥିଲି।  
କିନ୍ତୁ ଏବେ ଶୁଣିଲି  
ତୁମେ କାଳେ ମଝିରୁ ଗାଏବ ହୋଇଯିବ ଏବର୍ଷ !  
ସନ୍ ଏଲନିନୋ ସହିତ ତୁମେ ଆଉ  
ନିରୁଦିଷ୍ଟ ହୋଇଯିବନି ତ......  
କାହିଁକି ନା ସାତ କଥାରେ  
ସତୀ ଭୁଲେ ଯେ !!  
ମୁଁ କିନ୍ତୁ ଏପଟେ ଚାତକ ପରି  
ଅନାଇ ରହିଛି ତୁମ ଫେରିବାର ରାସ୍ତାକୁ ନିର୍ନିମେଷ ନୟନରେ  
ଶତାବ୍ଦୀ ଶତାବ୍ଦୀର କ୍ଷୁଧା ନେଇ  
ତୁମ ସହ ତଲ୍ଲୀନ ହୋଇ  
ନିର୍ବାଣ ଲଭିବାର ମୋହରେ  
ଏକ ଅବଶ୍ୟମ୍ଭାବୀ ମୋକ୍ଷ ପ୍ରାପ୍ତି ପାଇଁ

ମୋ-୯ ୯୩୮୦୪୪୨୯୮

## ଘର

**ବିବେକାନନ୍ଦ ସାହୁ**

ଘର, ଆଜି ଯନ୍ତ୍ରଣାର ଜଉଘର  
ଇର୍ଷା, ଅସୂୟା ର କୀଟଦ୍ରଷ୍ଟ  
ଏକ ଅସହାୟ ଏକଲା ପଣର ଆବର୍ତ୍ତ  
ଏଠି ଜୀବନ ଘୂର୍ଣ୍ଣାୟମାନ,  
ଏକ ଆବେଗ ହୀନ ବେଗର ଚଞ୍ଚଳତାରେ  
ଅନାଦର ହତାଦରର ଅଣଚାଶ ପବନ  
ଉଡେଇ ନେଇଛି ଏଠୁ  
ସ୍ନେହ ସଂପ୍ରୀତିର କଅଁଳ ଶିରୀଶ ଫୁଲ  
ଆଶା ଭରସା ଓ ବିଶ୍ୱାସର  
ଝାଟିମାଟି ଘରଟି  
ଭାଙ୍ଗିବାର ଭୟ ନେଇ ଏଠି  
ଅହର୍ନିଶି ଦୋହଲୁଥାଏ  
ଅବଜ୍ଞାର ଝଞ୍ଜା ପବନରେ  
ହୃଦୟର ମଖମଲୀ ଚାଦର ତଳେସାଇତା  
ଟିକିଏ ସ୍ନେହ, ବୁନ୍ଦାଏ ଅନୁରାଗ ପାଇଁଏଠି ଆଖିରୁ ଲୁହ ନିଗାଡ଼େ  
ପାକଳ ବୟସ  
ସୁନା ହରିଣୀର ମୋହିନୀ ମାୟାରେ  
ଏଠି ମୋହମୁଗ୍ଧ ସୀତା  
ରାମଚନ୍ଦ୍ର ଅଣାୟତ୍ତ ଏଠି  
ଅସହାୟତାର ଦାସତ୍ୱରେ  
ହେ କୋମଳାଙ୍ଗୀ,  
ମାୟାର ସେ ଆବରଣ ତଳୁ  
ଥରେ ଆଖି ଖୋଲି ଦେଖ  
ନା' ସେ ସୁନା ନା' ସେ ହରିଣ  
ସେ'ତ ମାୟା ମିରିଗ, ଧାଇଁ ଆସିଛି  
ଭାଙ୍ଗିରୁଜି ଚୂନା କରିବାକୁ  
ପଞ୍ଚବଟୀ ରେ ଗଢ଼ିଉଠିଥିବା  
ଘର ନାମକ ଏକ  
ଶ୍ୟାମଳ ପର୍ଣ୍ଣ କୁଟୀରକୁ

ଉପାଧ୍ୟକ୍ଷ  
ସେଣ୍ଟ ଜାଭିୟର୍ସ ସିନିୟର୍ ସେକେଣ୍ଡାରୀ ସ୍କୁଲ  
ଇଚ୍ଛାପୁର, କଟକ



## ଈଶ୍ୱର

**କୈଳାସ ମହାରଣା**

ଈଶ୍ୱରଙ୍କୁ ମୁଁ କେବେ ବି ଖୋଜିନି  
କାହିଁକି ବା ଖୋଜିବି ?  
ସିଏ ତ ମୋ' ଭିତରେ ଜନ୍ମରୁ ଅଛନ୍ତି  
ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ରହିବେ...!

ମୁଁ ଦେଖିପାରେ ତାଙ୍କୁ :  
ଏଠି ସେଠି ସବୁଠି,  
ଛୁଆର ହସରେ,  
ଅଳିଆ ଗଦାରୁ ଜରି ଗୋଟାଉ ଥିବା  
ଗଣ୍ଡିଆ ହାତ ପାପୁଲିରେ...!

ଈଶ୍ୱର ଅଛନ୍ତି ମୁଁ ଜାଣିଛି  
ଅତ୍ର ତତ୍ର ସର୍ବତ୍ର,  
ଦେଖି ପାରୁନାହାଁନ୍ତି ଯେଉଁମାନେ  
ଥାଇପାରେ କିଛି ଚକ୍ଷୁ ଦୋଷ  
ସେମାନଙ୍କ ଦୃଶ୍ୟ ରେଟିନାରେ...!

କାନ୍ଦୁଥିବାର ଦେଖିଛି ଈଶ୍ୱରଙ୍କୁ  
ଜରାଶ୍ରମରେ,  
ଧାଡ଼ିରେ ପଡିଥିବା ଖଟିଆ ଉପରେ,  
ଦିନରାତିର ହିସାବ ନଥାଏ ଯେଉଁଠି  
ଈଶ୍ୱର ପରା ସେଇଠି ଥାଆନ୍ତି !

ବସିବସି ସ୍ୱପ୍ନ ଦେଖିଲେ  
ଈଶ୍ୱରଙ୍କୁ ଖୋଜିପାଇବା ଭାରି ମୁସ୍କିଲ,  
ତାଙ୍କର ଦର୍ଶନ କରିବାକୁ ହେଲେ  
ଯିବାକୁ ପଡିବ ମନ୍ଦିରକୁ,  
ଆତ୍ମିକ ଭାବେ ଦେଖିବାକୁ ହେବ  
ମନ୍ଦିର ସାମ୍ନାରେ ବସିଥିବା ପୀଡ଼ିତମାନଙ୍କୁ,  
ଠକ୍ଠକଉଥିବା ସେମାନଙ୍କ  
ଗେଲ୍ଠି ଗିନାକୁ...!

କିଏ ଦେଖୁ ଅବା ନଦେଖୁ  
ମୁଁ କିନ୍ତୁ ଦେଖିପାରୁଛି ଈଶ୍ୱରଙ୍କୁ  
ମୋ' ଚାରିପାଖରେ,  
ସମସ୍ତଙ୍କ କଥାବାର୍ତ୍ତାରେ,



ମିଛମିଛିକାର ପ୍ରତିଶ୍ରୁତିରେ,  
ବାହାପିଆପଣର ଅଭିନୟରେ...!

ଗୋଲକ ନଗର  
ଗୋଡଭଗା କେମ୍ପ୍  
ସମ୍ବଲପୁର  
ମୋ: ୯୮୬୧୮୪୭୭୪୦

## ଏହି ଅଳି ଶ୍ରୀଛାମୁରେ

**ଅଜୟ କୁମାର ମହାନ୍ତି**

କାହିଁ ମୋର ବଳ ବୟସ  
ଯିବି ଶ୍ରୀକ୍ଷେତ୍ରେ ଧାଇଁ  
ଦେଖିବାକୁ କଳା ଶ୍ରୀମୁଖ  
ଆଉ ପାରୁନି ଯାଇ।  
ମନ ବୁଝୁନାହିଁ କାଳିଆ  
ତୋତେ ଦେଖୁନି ବୋଲି  
ଚାଲି ପାରୁନାହିଁ ଭଲରେ  
ଯିବି ଗହଳି ଠେଲି।  
କେବେ ତୋର ଦୟା ହୋଇବ  
ଦେବୁ ଦର୍ଶନ ମୋତେ  
କଳା ଶ୍ରୀମୁଖକୁ ଦେଖିବି  
ଭାଗ୍ୟ ହୋଇବ ସତେ।  
ସପନରେ ତୋତେ ଦେଖିବି  
ମନ ବଳିଛି ମୋର  
ସତେ ଆଶା ମୋର ପୁରିବ  
ତୁମେ ଜାଣ ଠାକୁର।

ମରଣ ଡାକୁଛି କୋଉଠି  
କାଳ ଆସୁଛି କାହିଁ  
ସଦା ମୁଁ ଦେଖୁଛି କାଳ  
ମରଣ ଆସୁଛି ଧାଇଁ।  
ମରଣ କାଳରେ ମୁହଁରେ  
ଥିବ ହସଟେ ମୋର  
ଦିବ୍ୟନେତ୍ର ମୋର ଦେଖିବ  
କଳା ଶ୍ରୀମୁଖ ତୋର।

ହରିପୁର  
କବୀର ପୁର, ଯାଜପୁର।  
ମୋ ୯୪୩୭୫୬୪୧୬୦

# ରାଜନଗର ବ୍ଲକରେ ସୁନାମୀ ମକ୍ ଡ୍ରିଲ ଓ ସୁନାମୀ ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୩୧/୫ (ଆପଣଙ୍କ ସ୍ୱର):ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA) ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ର (IN-COIS)ଙ୍କ ମିଳିତ ପ୍ରୟାସରେ ରାଜନଗର ବ୍ଲକ ଅଧୀନସ୍ଥ ତାଳଚୁଆ ଓ ବାଘମାରି ପଞ୍ଚାୟତରେ ସୁନାମୀ ମକ୍ ଡ୍ରିଲ ଏବଂ ସୁନାମୀ ପ୍ରସ୍ତୁତି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି।ଏହି ଅଭ୍ୟାସ କାର୍ଯ୍ୟକ୍ରମରେ ତାଳଚୁଆ ପଞ୍ଚାୟତର ଭଞ୍ଜପ୍ରସାଦ, ଶିକାରପାହି, ରାଜପଟଣା ଓ ଜ୍ୟୋତିପ୍ରସାଦ ଗ୍ରାମ ସହିତ ବାଘମାରି ପଞ୍ଚାୟତର ଶୈଳେନ୍ଦ୍ରସରାଇ ଗ୍ରାମକୁ ସାମିଲ କରାଯାଇଥିଲା। ମୋଟ ୫ଟି ଗ୍ରାମର ପ୍ରାୟ ୪୦୦୦ରୁ ଅଧିକ ଗ୍ରାମବାସୀ ଏହି ସୁନାମୀ ଅଭ୍ୟାସରେ ସକ୍ରିୟ ଭାଗ ନେଇଥିଲେ।



ମକ୍ ଡ୍ରିଲ ସମୟରେ ଗ୍ରାମବାସୀଙ୍କୁ ସୁନାମୀ ସମୟରେ କିପରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯିବ, ପ୍ରାକ ସୂଚନା କିପରି ପ୍ରସାରଣ କରାଯିବ, ଯୋଗାଯୋଗ ବ୍ୟବସ୍ଥା, ନିଷ୍କ୍ରିତି ନେବା ପ୍ରକ୍ରିୟା ଓ ଜରୁରୀ ପରିସ୍ଥିତିରେ ସଚେତନତା ଆଦି ବିଷୟରେ ପ୍ରାୟୋଗିକ ଅଭ୍ୟାସ କରାଯାଇଥିଲା। ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର (ITEWC) ପକ୍ଷରୁ ପ୍ରାତଃ ୮ ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ୫ଟି ଡମି ଟେଷ୍ଟ ବୁଲେଟିନ ପ୍ରସାରଣ କରାଯାଇଥିଲା।IOC-UNES-CO ଦ୍ୱାରା ନିର୍ଦ୍ଧାରିତ ୧୨ଟି ମାନକ ସୂଚକାଙ୍କ ଆଧାରରେ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ କରାଯାଇଥିଲା। ଗ୍ରାମ ସ୍ତରର ବିପର୍ଯ୍ୟୟ ପରିଚାଳନା ଯୋଜନା ଓ ସୁନାମୀ ପରିଚାଳନା ଯୋଜନା ଅନୁସରଣ କରି ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ଅଧିକାରୀମାନଙ୍କ ସମନ୍ୱୟ ଓ ସହଯୋଗରେ ଏହି ଅଭ୍ୟାସ ସଫଳତାର ସହ ସମ୍ପନ୍ନ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର ମୁଖ୍ୟ ଆକର୍ଷଣ ରହିଥିବା ବେଳେ OSDMA ପକ୍ଷରୁ ଆରଣ୍ୟକ ମିଶ୍ର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇଥିଲେ। ରାଜନଗର ବିଡିଓ ଅଶୋକ ମହାନ୍ତି, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ନିତ୍ୟ ରଞ୍ଜନ ସାମଲ, ଡିପିଓ ଶ୍ରୀ ଅଜୟ କୁମାର ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ ସହିତ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ଜୀବନଦୀପ NGO, ଅନ୍ୱେଷଣ NGO ଓ Nature's Club ର ସଦସ୍ୟମାନେ ଉପସ୍ଥିତ ଥିଲେ।ସୁନାମୀ ପ୍ରସ୍ତୁତ ସମ୍ପ୍ରଦାୟ ଗଠନ ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏହା ତୃତୀୟ ପର୍ଯ୍ୟାୟର ଅଭ୍ୟାସ କାର୍ଯ୍ୟକ୍ରମ। ପୂର୍ବରୁ ମହାକାଳପଡ଼ା ବ୍ଲକ ଅଧୀନରେ ଜମ୍ବୁ ଓ ଲାଙ୍ଗୁଡା ପଞ୍ଚାୟତରେ ଏହିପରି ଅଭ୍ୟାସ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। ବର୍ତ୍ତମାନ କେନ୍ଦ୍ରାପଡ଼ା ଜିଲ୍ଲାର ୨ଟି ବ୍ଲକର ୪ଟି ପଞ୍ଚାୟତ ଅଧୀନରେ ୧୫ଟି ଗ୍ରାମକୁ ସୁନାମୀ ପ୍ରସ୍ତୁତ ସମ୍ପ୍ରଦାୟଭାବେ ଗଢ଼ି ତୋଳିବା ପାଇଁ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ରମ ଚାଲିଛି।

# ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କାର୍ଯ୍ୟକାରୀ ସଦସ୍ୟ ହେଲେ ସମ୍ବଲପୁରର ଲୋକାନୃତ୍ୟ ଗୁରୁ ରଞ୍ଜନ ସାହୁ

ସମ୍ବଲପୁର,୩୧/୫ (ଆପଣଙ୍କ ସ୍ୱର):କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ଥିବା ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର (ଇଜେଡ୍‌ସିସି) ର ଗଭର୍ଣ୍ଣିଙ୍ଗ୍ ବୋର୍ଡର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି ସମ୍ବଲପୁରର ଲୋକପ୍ରିୟ ଲୋକନୃତ୍ୟ ଗୁରୁ ରଞ୍ଜନ ସାହୁ। ସୂଚନାଯୋଗ୍ୟ ଯେ ସେ ଓଡିଶାରୁ ପ୍ରତିନିଧିତ୍ୱ କରିବେ। ଏହି ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ରରେ ବିଭିନ୍ନ ରାଜ୍ୟରୁ ନଅ ଜଣ ସଦସ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇଥା'ନ୍ତି। ପ୍ରକାଶଯୋଗ୍ୟ ଯେ ଶ୍ରୀ ସାହୁ ଯୁବାବସ୍ଥାରୁ ସମ୍ବଲପୁରୀ ଲୋକନୃତ୍ୟ ଓ ଲୋକବାଦ୍ୟ ସହ ଯୋଡି ହୋଇ ଅଦ୍ୟାବଧି ରହିଛନ୍ତି।ପ୍ରାରମ୍ଭରେ ଲୋକବାଦ୍ୟ ସହ ଜଡିତ ହୋଇ ଜବାନ କ୍ଲବ ସହ ଜଡିତ ଥିଲେ। ପରବର୍ତ୍ତୀ ଅବସ୍ଥାରେ ସମ୍ବଲପୁରୀ ଲୋକନୃତ୍ୟ ସଂସ୍ଥା ଓ ଉକିଆ ପରି ସଂସ୍ଥା ଗଢି ଲୋକନୃତ୍ୟ ପାଇଁ କାର୍ଯ୍ୟ କରିଆସିଛନ୍ତି। ତାଙ୍କରି ଏହି ଲୋକାନୃତ୍ୟ ସହ ଜୀବନ ଯାତ୍ରାରେ ହଜାର ହଜାର ଲୋକାନୃତ୍ୟ ଶିଳ୍ପୀଙ୍କୁ ଗଢିଛନ୍ତି। ଆକାଶବାଣୀ ଓ ଦୂରଦର୍ଶନ ସହ ଜଡିତ ହୋଇ ଶତାଧିକ କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। କେବଳ ସେତିକି ନୁହେଁ, ଶ୍ରୀ ସାହୁ ସମ୍ବଲପୁରୀ ଲୋକନୃତ୍ୟକୁ ନେଇ ରାଜ୍ୟ, ଦେଶ ତଥା ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ମଞ୍ଚରେ ପ୍ରଦର୍ଶନ କରି ନିଜର ଦାୟିତ୍ୱ ସମ୍ପାଦନ କରିଆସିଛନ୍ତି। ଶ୍ରୀ ସାହୁ ବର୍ତ୍ତମାନ ଓଡିଶା ସଙ୍ଗୀତ ନାଟକ ଏକାଡେମୀରେ ରାଜ୍ୟ ପରିଷଦରେ ସଦସ୍ୟ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଆସିଛନ୍ତି। ତାଙ୍କର ଏହି ଇଜେଡ୍‌ସିସି। ସଦସ୍ୟ ଭାବେ ମନୋନୀତ ହେଲା ପରେ ସମ୍ବଲପୁର ସହରର କଳାପ୍ରେମୀଙ୍କ ମନରେ ଖୁସିର ତରଙ୍ଗ ଖେଳିଯାଇଛି। ଶ୍ରୀ ସାହୁଙ୍କର ଏହି ଦାୟିତ୍ୱ ଦ୍ୱାରା ଲୋକକଳା ନିଶ୍ଚିତ ଭାବରେ ଆଗକୁ ବଢିବା ସହ ଲୁକ୍କାୟିତ ଲୋକକଳାକୁ ମଧ୍ୟ ଲୋକଲୋଚନକୁ ଆସିପାରିବ।



# ବରପାଲିରେ କାଳ ବୈଶାଖୀର ତାଣ୍ଡବ ଲୀଳା

ବରଗଡ଼/ବରପାଲି,୩୧/୫ (ଆପଣଙ୍କ ସ୍ୱର):ସୋମବାର ସନ୍ଧ୍ୟାରେ ବରପାଲି ସହର ତଥା ଆଖ ପାଖ ଅଞ୍ଚଳରେ କାଳ ବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ହଠାତ୍ ଆକାଶ ମେଘାଚ୍ଛନ୍ନ ହୋଇ ଘଡଘଡି, ଝଡବର୍ଷା ସହ ପ୍ରବଳ ବେଗରେ ପବନ ପ୍ରବାହିତ ହୋଇଥିଲା । ପ୍ରବଳ ଝଡପବନ ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଭାଙ୍ଗି ଘର ଉପରେ ପଡ଼ିଥିଲା। ତୁରନ୍ତ ଅଗ୍ନିସମ ବିଭାଗର କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଗଛ କାଟି ରାସ୍ତା ସଫେଇରେ ଲାଗିଛନ୍ତି । ଗଛ ଭାଙ୍ଗି ପଡ଼ିବା ଯୋଗୁଁ ସହରରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇପଡ଼ିଛି। ସହରରେ ବର୍ଷା କମ ହୋଇଥିବା ବେଳେ ପବନର ତୀବ୍ରତା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଶୁଣିବାକୁ ମିଳୁଛି। ଅନ୍ୟ ପକ୍ଷରେ ଗ୍ରାମାଞ୍ଚଳରେ ପ୍ରବଳ ଝଡ଼ ଓ ବର୍ଷା ଯୋଗୁଁ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ଜଣାଯାଏ। ଏବେ ବିଲରେ ଧାନ ପାଚି ଅମଳ ସମୟ ହୋଇଥିବା ଯୋଗୁଁ ଧାନ ତଥା ପନିପରିବା ଚାଷ ମଧ୍ୟ ନଷ୍ଟ ହୋଇଥିବା ଜଣାପଡ଼ିଛି। କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଲୋକଙ୍କୁ ସରକାରୀ ସ୍ତରରେ ତ୍ୱରିତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।




# ଗଙ୍ଗାଧର କଳା ପରିଷଦ, ବରପାଲି ତରଫରୁ ଥଣ୍ଡା ପାନୀୟ ବିତରଣ କେନ୍ଦ୍ର ଉଦ୍‌ଘାଟିତ

ସମ୍ବଲପୁର/ବରପାଲି,୩୧/୫ (ଆପଣଙ୍କ ସ୍ୱର):ଗ୍ରୀଷ୍ମର ପ୍ରଚଣ୍ଡ ତାପକୁ ଦୃଷ୍ଟିରେ ରଖି "ଗଙ୍ଗାଧର କଳା ପରିଷଦ, ବରପାଲି " ଆନୁକୂଲ୍ୟରେ ବରପାଲିର ରାଜ ରାସ୍ତାରେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏକ ଥଣ୍ଡା ପାନୀୟ ବିତରଣ କେନ୍ଦ୍ର ସ୍ଥାନୀୟ ତହସିଲଦାର ରୁକ୍ମଣ ମେହେରଙ୍କ ଶୁଭ ହସ୍ତରେ ଆଜି ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି । ଏହି କେନ୍ଦ୍ରରେ ଥଣ୍ଡା ଦହି ପାଣି , ସ୍କୁଆସ, ରାସନା, ଜଳଜୀରା ପାଣି ପର୍ଯ୍ୟାୟ କ୍ରମେ ମାସାଧିକ କାଳ ବଣ୍ଟନ କରାଯିବ। କାର୍ଯ୍ୟକ୍ରମରେ କଳା ପରିଷଦର ସଭାପତି ରବୀନ୍ଦ୍ର ଗଡତିଆ , ସମ୍ପାଦକ ହରି ଖଟୁଆ, ସଦସ୍ୟ ମହାଦେବ ରାଉତ, ବୀରେନ୍ଦ୍ର ନାଥ ନାଗ, ଅଶୋକ ଦାଶ, ଅଶୋକ ଖଟୁଆ, ଭିକାରୀ ମେହେର, ନିରଞ୍ଜନ ମେହେର, ରୋହିତ ଦାଶ, ତଥା ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଅଭୟ ପଟ୍ଟନାୟକ, ବୟୋଜ୍ୟେଷ୍ଠ ସାମ୍ବାଦିକ ମେଘନାଦ ସାହୁ, କଳାକାର ବିଜୟାନନ୍ଦସାହୁ, ଶ୍ମଶାନ ସାଥି ଦେବାନନ୍ଦ ଖଟୁଆ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମାରୱାଡି ମହିଳା ସଂଘ ପକ୍ଷରୁ କିରଣ ଅଗ୍ରୱାଲ , ଅଙ୍ଗୁରବାଲା ଅଗ୍ରୱାଲ, ସରସ୍ୱତୀ ମହିଳା ସଂଘର ସଭାନେତ୍ରୀ ଲୀଳାବତୀ ତ୍ରିପାଠୀ ଏବଂ ପ୍ରାକ୍ତନ ଶିକ୍ଷୟିତ୍ରୀ ଘରଯୁଗୀ ଗଡତିଆ ସହଯୋଗ କରିଥିଲେ। ଏହି ଅବସରରେ ସହସ୍ରାଧିକ ଲୋକଙ୍କୁ ଥଣ୍ଡା ଦହି ପାଣି ଦେଇ ଆପ୍ୟାୟିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶୀତଳ ଷଷ୍ଠିର ଅନ୍ତିମ ଦିବସ ଜୁନ୍ ୨୧ ପର୍ଯ୍ୟନ୍ତ ଅବ୍ୟାହତ ରଖିଯିବାର ଯୋଜନା ରହିଛି। ଗଙ୍ଗାଧର କଳା ପରିଷଦର ଏତାଦୃଶ କଲ୍ୟାଣକାରୀ ପଦକ୍ଷେପକୁ ସର୍ବ ସାଧାରଣରେ ପ୍ରଶଂସା କରା ଯାଇଛି।



# ଗୁରୁ ସତ୍ୟନାରାୟଣ ବହିଦାରଙ୍କୁ ସରକାର ସ୍ତରରେ ଉଚିତ୍ ସମ୍ମାନ ଦେବାକୁ ଉଠିଲା ଦାବି

ସମ୍ବଲପୁର,୩୧/୫ (ଆପଣଙ୍କ ସ୍ୱର):ସମ୍ବଲପୁରରେ ରାଜ୍ୟସ୍ତରୀୟ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଚାରକ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ଜନ୍ମଦିନ ଅଗଷ୍ଟ ଏକ ଅବସରରେ ସମ୍ବଲପୁରରେ ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ପାଇଁ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅନୁଷ୍ଠିତ ଏହି ବୈଠକରେ ସମ୍ବଲପୁରୀ ଭାଷା, ସାହିତ୍ୟ ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଗୁରୁ ସତ୍ୟନାରାୟଣଙ୍କ ଅତୁଳନୀୟ ଅବଦାନ ବିଷୟରେ ଆଲୋଚନା କରାଯାଇଥିଲା । ପଶ୍ଚିମାଞ୍ଚଳ ଏକତା ମଞ୍ଚର ଆବାହକ ଭବାନୀଶ ଭୋଇ ଏହି ବୈଠକରେ ସଭାପତିତ୍ୱ କରିଥିଲେ। ସମ୍ବଲପୁରୀ ପାଇଁ ସାରା ଓଡିଶାବାସୀ ଗର୍ବ ଅନୁଭବ କରୁଛନ୍ତି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ତେବେ ଗୁରୁ ସତ୍ୟନାରାୟଣଙ୍କୁ ସରକାରୀ ସ୍ତରରେ ଯେଭଳିଉ ସମ୍ମାନ ଦିଆଯିବା କଥା ତାହା ଆଜି ପର୍ଯ୍ୟନ୍ତ ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ କରାଯାଇଥିଲା। ଏହା ସହ ଗୁରୁ ବହିଦାରଙ୍କ ସ୍ମୃତିରେ ସମ୍ବଲପୁର ଜେଲ ଛକ ନିକଟରେ ସ୍ଥାପିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାକୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରଦର୍ଶନ ଏବଂ ଗୁରୁଙ୍କ ସ୍ମୃତି ରକ୍ଷା ଏବଂ ସମ୍ବଲପୁରୀର ପ୍ରଦର୍ଶନ ପାଇଁ ବିକାଶ କରାଯିବା ନିମନ୍ତେ ପଦକ୍ଷେପ ନେବାକୁ ବୈଠକରେ ଦାବି କରାଯାଇଥିଲା । ଏନେଇ ଏକ ପ୍ରତିନିଧି ମଣ୍ଡଳ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଦାବି ଜଣାଇବାକୁ ବୈଠକରେ ସ୍ଥିର କରାଯାଇଥିଲା । ଏହା ସହିତ ଡେରା ପରିସରରେ ସମ୍ବଲପୁରୀ ପୁସ୍ତକାଳୟ ଏବଂ ସମ୍ବଲପୁରୀ ସଂସ୍କୃତିର ସଂଗ୍ରହାଳୟ ପାଇଁ ବହୁତଳ ପ୍ରାସାଦ ନିର୍ମାଣ କରିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରାଯାଇଥିଲା । ୨୦୧୩ ମସିହାରେ ପଶ୍ଚିମାଞ୍ଚଳ ଏକତା ମଞ୍ଚର ପ୍ରୟାସରେ ଗୁରୁ ବହିଦାରଙ୍କ ଜନ୍ମ ଶତବାର୍ଷିକୀ ପାଳନ ବର୍ଷ ଠାରୁ ଅଗଷ୍ଟ ଏକ ତାରିଖରେ ସମ୍ବଲପୁରୀ ଦିନ ପାଳନ କରାଯାଇ ଆସୁଛି । ସମ୍ବଲପୁରୀ ଦିନ ପାଳନ ପରଠାରୁ ସମ୍ବଲପୁରୀ କପଡାର ଚାହିଦା ବହୁମାତ୍ରାରେ ବୃଦ୍ଧି ପାଇଥିବା ବେଳେ ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ବହୁ ସଙ୍ଗଠନ ଆଗଭର ହୋଇଛନ୍ତି। 'ସମ୍ବଲପୁରୀ ଦିନ୍' ଏବେ ଆନ୍ତର୍ଜାତୀୟ ସ୍ତରକୁ ପହଞ୍ଚି ସାରିଥିବା ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ କହିଥିଲେ । ସମ୍ବଲପୁରୀ ଦିନ୍‌ରେ ଲୋକ ନିହାତି ନୁଆଁ ସମ୍ବଲପୁରୀ କପଡା ପିନ୍ଧୁ ଥିବାରୁ ବୁଣାକାର ମାନେ ଲାଭାନ୍ୱିତ ହୋଇ ପାରୁଛନ୍ତି । ଯାହାଦ୍ୱାରା ପ୍ରତିବର୍ଷ ସମ୍ବଲପୁରୀ ଦିନର ଆକର୍ଷଣ ବୃଦ୍ଧି ପାଇବା ସହ କୋଟି କୋଟି ଟଙ୍କାର ସମ୍ବଲପୁରୀ କପଡା ବିକ୍ରୀ ହୋଇ ପାରୁଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା । ପ୍ରସ୍ତୁତି ବୈଠକରେ ପଶ୍ଚିମ ଓଡିଶାର ବିଭିନ୍ନ ଜିଲାରେ ଆୟୋଜନ ହେଉଥିବା ସମ୍ବଲପୁରୀ ଦିନ୍ କାର୍ଯ୍ୟକ୍ରମ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା । ଏଥିପାଇଁ ସମ୍ବଲପୁରୀ ସଙ୍ଗଠନ ଗୁଡିକ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଗଠନ କରାଯାଇଥିବା ସମ୍ବଲପୁରୀ ମଚାନକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ବୈଠକରେ ଲଳିତା ଭୋଇ, ଭୂମିସୁତା ମେହେର, ସୁଷମା ପ୍ରଧାନ, ରୀନା ସ୍ୱାଇଁ, ପଙ୍କଜିନୀ ମେହେର, ଅମିତାଭ ମାଝୀ, ସୁବୋଧ କୁମାର ଦୋରା, ଦଶରଥ ମେହେର, ରଂଜିତ ସାହୁ, ଦେବୀ ପ୍ରସାଦ ଭୋଇ, ବିରଞ୍ଚି ନାରାୟଣ ନାୟକ, ଅମନ ଚିରଗୁନ, ସୁଭମ ସାହୁ, ଅମିତ୍ ଦାଶ, ଗୋପବନ୍ଧୁ ସେନାପତି, ଡ଼ ସ୍ୱର୍ଣ୍ଣପ୍ରକାଶ ପଣ୍ଡା, ସୁବୋଧ କୁମାର ଦୋରା, ପ୍ରେମ ସାହାଣୀ, ସୁବ୍ରତ ପ୍ରଧାନ ଓ ସୁରେନ୍ଦ୍ର ବଗର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ରାଷ୍ଟ୍ରୀୟ ସମ୍ମାନ ସହ ସହୀଦ ପ୍ରେମାନନ୍ଦ ମଲ୍ଲିକଙ୍କୁ ଅଶ୍ରୁଳ ବିଦାୟ

ବରଗଡ଼/ବରପାଲି,୩୧/୫ (ଆପଣଙ୍କ ସ୍ୱର):ବରଗଡ଼ ଜିଲ୍ଲା ବରପାଲି ବ୍ଲକ ଅନ୍ତର୍ଗତ ଲୋକକଳା ଗାଁ କୁମ୍ଭାରୀରେ ଜନ୍ମ ଗ୍ରହଣ କରିଥିଲେ ପ୍ରେମାନନ୍ଦ ମଲ୍ଲିକ। ପିଲାବେଳରୁ ଦେଶମାତୃକାର ସେବା କରିବା ପାଇଁ ସ୍ୱପ୍ନ ଦେଖିଥିଲେ। କୁମ୍ଭାରୀ ହାଇସ୍କୁଲରୁ ଉତ୍ତୀର୍ଣ୍ଣ ହେଲାପରେ ବରପାଲି କଲେଜରେ +୨ ବିଜ୍ଞାନରେ ପାଠ ପଢି ଶେଷ କରି ୨୦୧୨ ମସିହାରେ ଭାରତୀୟ ନୌସେନା ବାହିନୀରେ ଯୋଗଦେଇଥିଲେ। ଆଉ ଏକ ବର୍ଷ ବିତି ଯାଇଥିଲେ କର୍ମମୟ ଜୀବନରୁ ଅବସର ନେଇଥାନ୍ତେ। କିନ୍ତୁ ବିଧିର ବିଧାନ ବିଚିତ୍ର, ସେ ବର୍ତ୍ତମାନ ସହୀଦ ହୋଇଯାଇଛନ୍ତି। ଆଜି ନୌସେନା ବାହିନୀ ଓ ପୋଲିସ ପକ୍ଷରୁ ଜନ୍ମ ମାଟିରେ ପ୍ରେମରାଜ ମଲ୍ଲିକଙ୍କୁ ତୋପ ସଲାମୀ ଦିଆଯାଇ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କର ପତ୍ନୀ ଓ ଲୁନି ଝିଅଟିଏ ଅଛନ୍ତି। ସହସ୍ରାଧିକ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ, ସହପାଠୀ ଏବଂ ଗ୍ରାମବାସୀଙ୍କ ସହ ବ୍ଲକ ପ୍ରଶାସନ ପକ୍ଷରୁ ବରପାଲି ତହସିଲଦାର ରୁକ୍ମଣ ମେହେର, ବରପାଲି ଥାନାଧିକାରୀ ପ୍ରମୋଦ କୁମାର ସାହୁ, ବିଡ଼ିଓ ସୁମନ୍ତ କୁମ୍ଭାର , ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଭୁବନ ଶତପଥୀଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ସହୀଦ ପ୍ରେମାନନ୍ଦଙ୍କ ଅକାଳ ବିୟୋଗରେ ସମଗ୍ର ବରପାଲି ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

Scanned with OKEN Scanner



## ବଲିଉଡ୍‌ରେ ଭୋଜପୁରୀ ଗର୍ଲ

ଅକ୍ଷୟ କୁମାରଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ୱେଲ୍‌କମ୍ ଟୁ ଦି ଜଙ୍ଗଲ୍'ର ଏକ ନୂଆ ଗୀତ ଏବେ ଚହଳ ପକାଇଛି । 'ଘିସ୍ ଘିସ୍ ଘିସ୍' ଶୀର୍ଷକ ଗୀତରେ ବଲିଉଡ୍‌ର ଖିଲାଡ଼ୀ କୁମାରଙ୍କ ସହିତ ଭୋଜପୁରୀ ଶିଳ୍ପର ପ୍ରସିଦ୍ଧ ତାରକା ଅକ୍ଷରା ସିଂହଙ୍କୁ ଏକାଠି ଦେଖିବାକୁ ମିଳିଛି । ଭୋଜପୁରୀ ସଂଗୀତର ତାଳେ ତାଳେ ଉଭୟ ଚମକପ୍ରଦ ନୃତ୍ୟ କରିଛନ୍ତି । ଏହି ଗୀତର ଭିଡିଓ ମୁକ୍ତିଲାଭ କରିବା ପରେ ଅକ୍ଷରା ବଲିଉଡ୍‌ରେ ବିହାରର ପ୍ରତିନିଧିତ୍ୱ କରିଥିବା ଯୋଗୁଁ ଗର୍ବିତ ବୋଲି ପ୍ରକାଶ କରିଛନ୍ତି । ସେ କହିଛନ୍ତି, "ମୁଁ ଜଣେ ବିହାରୀ ହୋଇ ଅକ୍ଷୟ କୁମାରଙ୍କ ସହିତ ଏଭଳି ଏକ ବଡ଼ ମଞ୍ଚରେ କାମ କରିବାର ସୁଯୋଗ ପାଇଲି । 'ୱେଲ୍‌କମ୍ ଟୁ ଦି ଜଙ୍ଗଲ୍'ର ଦକ୍ଷ ଅଭିନେତାମାନଙ୍କ ସହିତ ନୃତ୍ୟାଭିନୟ କରିବା ମୋ ପାଇଁ ସୌଭାଗ୍ୟର କଥା । ବିହାରର ଲୋକଙ୍କ ଭଲପାଇବା ଓ ଆଶୀର୍ବାଦ ଯୋଗୁଁ ମୁଁ ଆଜି ଏଠି ପହଞ୍ଚିପାରିଛି ।" ଏହା ନିଶ୍ଚିତ ଭାବେ ଅକ୍ଷରାଙ୍କ କ୍ୟାରିଅର୍‌ର ଏକ ବଡ଼ ସଫଳତା । ଭୋଜପୁରୀ ଶିଳ୍ପକୁ ନ୍ୟୁନ ଦୃଷ୍ଟିରେ ଦେଖାଯାଉଥିବା ବେଳେ ଅକ୍ଷୟଙ୍କ ପରି ବଡ଼ ତାରକାଙ୍କ ସହିତ ସେ ବଲିଉଡ୍‌ରେ ପଦାର୍ପଣ କରିଛନ୍ତି ।



## ଆସୁଛି ଅମ୍ଲାନଙ୍କ 'ଶିକାର'

ରଜ ଅବସରରେ ଦର୍ଶକଙ୍କୁ ଆକ୍ସନ, ସସପେନ୍ସ ସହ ଭରପୂର ମନୋରଞ୍ଜନ ଦେବାକୁ ପ୍ରେକ୍ଷାଳୟକୁ ଆସୁଛି ଅଭିନେତା ଅମ୍ଲାନଙ୍କ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶିକାର' । ବର୍ତ୍ତମାନ ଏହାର ଟିଜର ମୁକ୍ତିଲାଭ କରିଛି । ୧ ମିନିଟ୍ ୨୮ ସେକେଣ୍ଡର ଏହି ଟିଜରର ଆରମ୍ଭରେ ରକ୍ତାକ୍ତ ଅବସ୍ଥାରେ ଅମ୍ଲାନଙ୍କୁ ଦେଖିବାକୁ ମିଳୁଛି । ଅନ୍ୟପଟେ ଅଭିନେତ୍ରୀ ଏଲିନା ପ୍ରଥମ ଥର ଓକିଲ ଭୂମିକାରେ ନଜର ଆସିଛନ୍ତି । ଟିଜରରେ ଅମ୍ଲାନଙ୍କ ଏକ ସଂଳାପ 'ମୋତେ ନ୍ୟାୟ ଦେବା ବଦଳରେ ଆପଣଙ୍କ ସହ ଅନ୍ୟାୟ ହୋଇଯାଇପାରେ' ଦର୍ଶକଙ୍କ ଉତ୍ସୁକତାକୁ ବଢ଼ାଇଛି । ଅପରାଧ, ଆକ୍ସନ ଓ ରହସ୍ୟ ଭରିଥିବା ଏହି ଫିଲ୍ମଟି ଆସନ୍ତା ଜୁନ୍ ୧୨ ତାରିଖରେ ରଜ ଅବସରରେ ପରଦାକୁ ଆସିବ । 'ଶିକାର' ଫିଲ୍ମର ନିର୍ଦ୍ଦେଶନା ଦେଉଛନ୍ତି ମୃତ୍ୟୁଞ୍ଜୟ ସାହୁ । କାହାଣୀ ଓ ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ପ୍ରିୟବ୍ରତ ପଣ୍ଡା । ବୈଦ୍ୟନାଥ ଦାଶ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଡିଓପିରେ ରହିଛନ୍ତି ପ୍ରତାପ ରାଉତ, ସମ୍ପାଦନ କରିଛନ୍ତି ରାଜେଶ ଦାଶ, ଗୀତଗୁଡ଼ିକୁ ଗାଇଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ମଣ୍ଟୁ ଛୁରିଆ, କ୍ରିଷ୍ଣା ବେଉରା, ଅସୀମା ପଣ୍ଡା ଓ କୋରିଓଗ୍ରାଫି କରିଛନ୍ତି ଅମିତ ନାୟକ । ଅମ୍ଲାନ ଓ ଏଲିନାଙ୍କ ସହ ସୁପ୍ରିୟା ନାୟକ, ଅଙ୍କିତ, ତାପସ ସରଘରିଆ, ପ୍ରଦ୍ୟୁମ୍ନ ଲେଙ୍କା, ପ୍ରଶାନ୍ତ ପାତ୍ର ପ୍ରଭାତୀ, ସ୍ମିତା ମହାନ୍ତି, ଅଭିନବ ସିଂ, ଜ୍ଞାନ ହୋଟା, ପୁଷ୍ପା ପଣ୍ଡା ପ୍ରମୁଖ ଅଭିନୟ କରିଥିବା ବେଳେ ବିଶେଷ ଭୂମିକାରେ ମଣ୍ଟୁ, ଲିପିକା ଓ ବବି ମିଶ୍ରଙ୍କୁ ଦେଖିବାକୁ ପାଇବେ ଦର୍ଶକ ।



## କାମ ପାଉନାହାନ୍ତି ମୌନୀ

ଅଭିନେତ୍ରୀ ମୌନୀ ରାୟ ନିକଟରେ କାନ୍ ଚଳଚ୍ଚିତ୍ର ମହୋତ୍ସବରେ ଯୋଗ ଦେଇଥିଲେ । ସେଥିରୁ ଯେ କେହି ଅନୁମାନ କରିବେ ଯେ ତାଙ୍କର ଭଲ ସମୟ ଚାଲୁଛି । କିନ୍ତୁ ବାସ୍ତବରେ ମୌନୀଙ୍କ ହାତରେ ବେଶୀ କାମ ନାହିଁ । ସେ କାନ୍ ମହୋତ୍ସବରେ ମନର ଅନେକ ଅକୁହା କଥା ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଟିଭି ଧାରାବାହିକର ସଫଳ କ୍ୟାରିଅର୍ ଛାଡ଼ି ଚଳଚ୍ଚିତ୍ର ଦୁନିଆକୁ ଆସିବା ପାଇଁ ସେ ନଅ ବର୍ଷ ଧରି ଖୁବ୍ ପରିଶ୍ରମ କରିଥିଲେ । 'କ୍ୟୁଁ କି ଶାଶ ଭି କଭି ବହୂ ଥୀ', 'ନାଗିନ୍', 'ଦେବୋଁକେ ଦେବ ମହାଦେବ' ଓ 'ଜୁନୁନ୍' ପରି ଧାରାବାହିକରେ ଅଭିନୟ କରି ସେ ଭାରତର ଘରେ ଘରେ ସୁପରିଚିତ ଚେହେରା ପାଲଟିଥିଲେ । ତାହାକୁ ପୁଞ୍ଜି କରି ସେ ୨୦୧୮ ମସିହାରେ ବଲିଉଡ୍‌କୁ ଲମ୍ଫ ପ୍ରଦାନ କଲେ । ଅକ୍ଷୟ କୁମାରଙ୍କ ସହିତ 'ଗୋଲ୍ଡ' ଥିଲା ତାଙ୍କର ପ୍ରଥମ ଚଳଚ୍ଚିତ୍ର । ତେବେ ତା' ପରଠାରୁ ତାଙ୍କ କ୍ୟାରିୟର ଉତ୍‌ଥାନ ପତନ ଦେଇ ଗତି କରୁଛି । ଆଗକୁ ତାଙ୍କ ଅଭିନୀତ 'ହେ ଯବାନୀ ତୋ ଇସ୍କ ହୋନା ହେ' ଚଳଚ୍ଚିତ୍ର ଆସିବାର ଅଛି । ନିକଟରେ ଏହାର ଟ୍ରେଲର୍ ପ୍ରକାଶ ପାଇଛି, ଯେଉଁଥିରେ ବରୁଣ ଧୱନ୍ ନାୟକ ହୋଇଥିବା ବେଳେ ମୃଣାଳ ଠାକୁର ଓ ପୂଜା ହେଗଡ଼େ ଦୁଇ ନାୟିକା ସାଜିଛନ୍ତି । ମୌନୀଙ୍କୁ ଏଥିରେ ବରୁଣଙ୍କ ମାଆ ଭୂମିକାରେ ଦେଖି ଲୋକମାନେ ଖୁବ୍ ପ୍ରତିକ୍ରିୟାଶୀଳ ହୋଇଯାଇଛନ୍ତି । ଏହାର କାରଣ ହେଲା ବରୁଣଙ୍କ ବୟସ ୩୯ ବର୍ଷ ତ ମୌନୀଙ୍କ ବୟସ ୪୦ । ଏଥିରୁ ସ୍ପଷ୍ଟ ଯେ ମୌନୀ କାମର ଅଭାବ ଯୋଗୁଁ ଏଭଳି ହାସ୍ୟାସ୍ପଦ ଚରିତ୍ରରେ ଅଭିନୟ କରୁଛନ୍ତି । ସେହି କାରଣରୁ ସେ କାମ ପାଇଁ ବହୁତ ଭୋକିଲା ଅଛନ୍ତି ବୋଲି କହିବାକୁ ସଂକୋଚ କରି ନାହାନ୍ତି । ସେ ପ୍ରତିଟି ଚରିତ୍ରରେ ନିଜର ୧୦୦% ଦିଅନ୍ତି ଏବଂ ଚରିତ୍ର ଯେମିତି ବି ହେଉ, ସବୁଥିରେ ଅଭିନୟ କରିବାକୁ ପ୍ରସ୍ତୁତ ବୋଲି ମଧ୍ୟ ପ୍ରକାଶ କରିଛନ୍ତି ।




## ଜହର ଉଦ୍ୟାନ

ବଗିଚାରେ ବୁଲିବାକୁ କିଏ ବା ଭଲ ନ ପାଏ । କିନ୍ତୁ ଏମିତି ବି ଏକ ବଗିଚା ଅଛି ଯେଉଁଠାକୁ ଯିବା ପୂର୍ବରୁ ଶହେ ଥର ଭାବିବାକୁ ପଡିବ । ଆଉ ଅନେକ ସାବଧାନତା ଅବଲମ୍ବନ କରିବାକୁ ବି ହେବ । କାରଣ ଏ ବଗିଚାଟି ସାଧାରଣ ନୁହେଁ । ଏଠାରେ ସେ ସୁନ୍ଦର ମନଲୋଭା ଗଛ ଓ ଫୁଲ ନାହିଁ । ବରଂ ଅଛି ବିଷାକ୍ତ ଗଛଲତା । ଯାହାର ଆଘ୍ରାଣ ମାତ୍ରେ ବି ଜୀବନ ଚାଲି ଯିବାର ଭୟ ରହିଛି । ଏହି ବଗିଚାର ନାମ ହେଉଛି 'ଦ ପଏଜନ୍ ଗାର୍ଡେନ' । ଇଂଲଣ୍ଡ, ନର୍ଥବରଲ୍ୟାଣ୍ଡ କାଉଣ୍ଟିସ୍ଥ ଅଲନକରେ ଅଛି ପୃଥିବୀର ସବୁଠାରୁ ବଡ଼ ଏଇ ବିଷାକ୍ତ ବଗିଚାଟି । ଏଠାରେ ୧୦୦ରୁ ଊର୍ଦ୍ଧ ପ୍ରକାରର ବିଷାକ୍ତ ବୃକ୍ଷଲତା ଅଛି । ଏଠାକୁ ଏକୁଟିଆ ନ ଯିବା ଲାଗି ପରାମର୍ଶ ଦିଆଯାଏ । ଆଉ ଏହା ମଧ୍ୟକୁ ଯିବାକୁ ହେଲେ ଅନେକ କଥା ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ । ଯେମିତିକି ସ୍ୱତନ୍ତ୍ର ପୋଷାକ ଓ ମାସ୍କ ପିନ୍ଧିବାକୁ ହୁଏ । ତାସହ ସାବଧାନ ରହିବା ବି ନିହାତି ଜରୁରୀ ।

## ୧୦ ହଜାର ଫୁଟ୍ ଉଚ୍ଚତାରେ ହେଲେ ମେକ୍‌ଅପ୍

ମହିଳାଙ୍କୁ ମେକ୍‌ଅପ୍ ହେବା କେତେ ପସନ୍ଦ ତାହା ସମସ୍ତେ ଜାଣନ୍ତି । ଯେଉଁଠି ଓ ଯେଉଁ ପରିସ୍ଥିତିରେ ଥିଲେ ବି ସେମାନେ ମେକ୍‌ଅପ୍ ହେବାକୁ ଭୁଲନ୍ତି ନାହିଁ । ପାଖରେ ତ ସବୁବେଳେ ଥାଏ ମେକ୍‌ଅପ୍ କିଟ୍ । ବସ୍‌ଷ୍ଟପ, ରେଳଷ୍ଟେସନ୍ ହେଉ କି ଏୟାରପୋର୍ଟ ଅବା ଅଫିସ୍, ପାର୍ଟି ଫଙ୍କସନ୍ ସବୁଠି ମହିଳା ସମୟ ସୁଯୋଗ ଦେଖି ମେକ୍‌ଅପ୍ ହୋଇଥାନ୍ତି । ଏମିତିକି ଏବେ ଜଣେ ମହିଳା ଆକାଶ ମାର୍ଗରେ ପାରାସୁଟ୍‌ରେ ଝୁଲନ୍ତା ଅବସ୍ଥାରେ ଥାଇ ବି ମେକ୍‌ଅପ୍ ହେଉଛନ୍ତି । ବିଶ୍ୱାସ ନହେଲେ ବି କଥାଟି ସତ । ମ୍ୟାକ୍ଲେନା ନାଇପ୍ ନାମକ ଏହି ମହିଳା ଜଣକ ଜଣେ ଭିଡିଓ କ୍ରିଏଟର୍ । ତାଙ୍କୁ ସ୍କାଇ ଡାଇଭିଂ କରିବା ବହୁତ ପସନ୍ଦ । ସେ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ସ୍କାଇ ଡାଇଭିଂ କରିବାର ଅନେକ ଭିଡିଓ ପୋଷ୍ଟ କରନ୍ତି । ନିକଟରେ ସେ ଏକ ଭିଡିଓ ପୋଷ୍ଟ କରିଥିଲେ ଯେଉଁଥିରେ ସେ ଭୂମିଠାରୁ ୧୦ ହଜାର ଫୁଟ୍ ଉଚ୍ଚତାରେ ସ୍କାଇ ଡାଇଭିଂ କରିବା ଅବସ୍ଥାରେ ହିଁ ମେକ୍‌ଅପ୍ ହୋଇଥିଲେ । ନିଜ ଅଣ୍ଟାରେ ବାନ୍ଧିଥିବା ଏକ ବ୍ୟାଗରୁ ଗୋଟିଏ ପରେ ଗୋଟିଏ ବିଉଟି ପ୍ରଡକ୍ଟ ବାହାର କରି ସେଗୁଡିକୁ ମୁହଁରେ ଲଗାଇଥିଲେ । ରୁମାଲ ବାହାର କରି ମୁହଁ ବି ପୋଛୁଥିଲେ । ଏହି ସମୟରେ ତାଙ୍କ ଚେହେରାରେ ଭୟର ଟିକେ ବି ଚିହ୍ନ ନ ଥିଲା । ବରଂ ଲାଗୁଥିଲା ସେ ବେଶ୍ ମଜା ଉଠାଉଥିଲେ ।



## ସୁନ୍ଦର କେଶ ଓ ଦାଢ଼ି ଥିବା ମାଙ୍କଡ

ଦକ୍ଷିଣ ଆମେରିକାର ଆମାଜନ୍ ବର୍ଷାବଣରେ ଏମିତି ଏକ ମାଙ୍କଡ଼ ବାସ କରେ, ଯାହାର ମୁଖ୍ୟ ପରିଚୟ ହେଉଛି ତା'ର ଦାଢ଼ି । ଏହାର ଦାଢ଼ି ପ୍ରାୟତଃ ମଣିଷଙ୍କ ଦାଢି ଭଳି ଦେଖାଯାଏ । ଏହାର ନାମ ହେଉଛି 'ବିଅର୍ଡେଡ୍ ସାକି ମଙ୍କି' । ଆମାଜନ୍‌ର । ଘଞ୍ଚ ବର୍ଷାବଣରେ ରହୁଥିବା ଏହି ଅଦ୍ଭୁତ ମାଙ୍କଡ଼କୁ ଦେଖିଲେ । ଯେକେହି ଆଶ୍ଚର୍ଯ୍ୟ ହୋଇଯିବେ । ଅଣ୍ଡିରା ମାଙ୍କଡ଼ଙ୍କ ମୁହଁରେ ଘନ କଳା ଦାଢ଼ି ଥାଏ । ମୁଣ୍ଡ ଉପରେ ଦୁଇଟି ବଲ ଭଳି କେଶର ଗୁଚ୍ଛ, ଯାହା ସେମାନଙ୍କୁ ଏକ ନିଆରା ରୂପ ଦିଏ । ବିଶେଷକରି ଅଣ୍ଡିରା ମାଙ୍କଡ଼ମାନଙ୍କର ଦାଢ଼ି ଏତେ ପ୍ରଭାବଶାଳୀ ହୋଇଥାଏ ଯେ, ସେମାନେ ଏହାକୁ ଦେଖାଇ ଜଙ୍ଗଲରେ ନିଜର ପ୍ରତିପତ୍ତି ବିସ୍ତାର କରନ୍ତି ଏବଂ ମାଈ ମାଙ୍କଡ଼ମାନେ ଏହି ଦାଢ଼ି ଦେଖି ସେମାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି । ଆମାଜନ ବର୍ଷାବଣ ବାଦ୍ ଏମାନେ ବ୍ରାଜିଲ, ଗୁଏନା ଏବଂ ଏହାର ଆଖପାଖ ଅଞ୍ଚଳରେ ବି ବାସ କରନ୍ତି । ଏହି ମାଙ୍କଡ଼ଗୁଡ଼ିକ ମଧ୍ୟମ ଆକାରର ହୋଇଥାନ୍ତି । ଏମାନଙ୍କ ଓଜନ ପ୍ରାୟ ୨.୫ ରୁ ୩.୫ କିଲୋଗ୍ରାମ ଏବଂ ଶରୀରର ଲମ୍ବ ୪୦ ରୁ ୪୫ ସେଣ୍ଟିମିଟର ହୋଇଥାଏ । ଏମାନଙ୍କ ଶରୀର ପ୍ରାୟତଃ କଳା କିମ୍ବା ଗାଢ଼ ବାଦାମୀ ରଙ୍ଗର ହୋଇଥାଏ । ଏହି ମାଙ୍କଡ଼ମାନଙ୍କ ପାଇଁ ଦାଢ଼ି କେବଳ ସୌନ୍ଦର୍ଯ୍ୟ ନୁହେଁ, ବରଂ ସେମାନଙ୍କ ସାମାଜିକ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଏମାନେ ମୁଖ୍ୟତଃ ଫଳ, ମଞ୍ଜି ଏବଂ ଟାଣ ନଟୁ ଖାଇଥାନ୍ତି । ଏମାନଙ୍କ ଦାନ୍ତ ଏତେ ଶକ୍ତ ଯେ ସେମାନେ ଅତି ସହଜରେ ଟାଣ ଫଳର ଚୋପା ଛଡ଼ାଇପାରନ୍ତି । ଏହି କାରଣରୁ ସେମାନଙ୍କୁ 'ସିଡ୍ ପ୍ରିଡେଟର' ମଧ୍ୟ କୁହାଯାଏ । ସାକି ମଙ୍କିମାନେ ସାମାଜିକ ପ୍ରାଣୀ । ଏମାନେ ୧୦ ରୁ ୩୦ ଜଣ ସଦସ୍ୟଙ୍କୁ ନେଇ ଛୋଟ ଛୋଟ ଦଳରେ ରହନ୍ତି । ସେମାନେ ପରସ୍ପର ସହ ଖେଳନ୍ତି ଏବଂ ଏକାଠି ଭୋଜନ କରନ୍ତି । କିନ୍ତୁ ଦୁର୍ଭାଗ୍ୟବଶତଃ, ଆମାଜନ ଜଙ୍ଗଲ କଟାଯିବା ଏବଂ ଶିକାର ଯୋଗୁ ସାକି ମଙ୍କିଙ୍କ ଅନେକ ପ୍ରଜାତି ଏବେ ବିପଦରେ ଅଛନ୍ତି । ସଂରକ୍ଷଣ ସଂସ୍ଥାଗୁଡ଼ିକ ଏମାନଙ୍କୁ ବଞ୍ଚାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି ।



## କାର୍ଗୋ ପ୍ୟାଣ୍ଟ ଫ୍ୟାଶନ

**କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ଯେମିତି କମ୍ଫର୍ଟେବଲ୍ ଦେଖିବାକୁ ସେମିତି ଆକର୍ଷଣୀୟ ହୋଇଥାଏ । ତା'ଛଡ଼ା ଏହା ଟାଇଟ୍ ଫିଟିଙ୍ଗ୍ ନ ହୋଇଥିବାରୁ ଖରାଦିନେ ବି ଏହାକୁ ଆରାମରେ ପିନ୍ଧିହୁଏ । କୁଲ୍ ଫ୍ୟାଶନେବଲ୍ ଲୁକ୍ ଦେଉଥିବା ଏହି କାର୍ଗୋ ପ୍ୟାଣ୍ଟର ଫ୍ୟାଶନ କେବେ ଆଉଟେଡ୍ ହୁଏ ନାହିଁ । ସବୁଠୁ ବଡ଼ କଥା ହେଉଛି, ଏହି ପ୍ୟାଣ୍ଟକୁ ଉଭୟ ପୁରୁଷ ଓ ମହିଳା ବେଶ୍ ଆରାମରେ ପିନ୍ଧିପାରିବେ । ଜାଣନ୍ତୁ କାର୍ଗୋ ପ୍ୟାଣ୍ଟର କେତୋଟି ଲାଟେଷ୍ଟ ଡିଜାଇନ୍ ସମ୍ପର୍କରେ...**



* ତିନି ପ୍ରକାରର କାର୍ଗୋ ପ୍ୟାଣ୍ଟ: କ୍ଲାସିକ୍ ୟୁଟିଲିଟି - ପ୍ୟାଣ୍ଟ ସାଙ୍ଗକୁ ଶାର୍ଟ ତୁଳନାରେ ଟି-ଶାର୍ଟ ବହୁତ ପ୍ୟାଣ୍ଟ, କାର୍ଗୋ ଜୋଗର୍ସ, ସ୍କିନି କମ୍‌ବାଟ୍ ଟ୍ରାଉଜର୍ସ ହେଉଛି କାର୍ଗୋ ପ୍ୟାଣ୍ଟର ତିନୋଟି ମୁଖ୍ୟ ଭେରାଇଟି । ବର୍ତ୍ତମାନ ଯୁବପିଢିଙ୍କ ଭିତରେ ଏହି ଟାଇପ୍ସର କାର୍ଗୋ ପ୍ୟାଣ୍ଟକୁ ନେଇ ବେଶ୍ ଡିମାଣ୍ଡ ରହିଛି ।

* ସ୍ଲିମ୍ ଓ ଷ୍ଟ୍ରେଟ୍ କଟ୍: କାର୍ଗୋ ପ୍ୟାଣ୍ଟଗୁଡ଼ିକ ସାଧାରଣତଃ ଢିଲା ପାର୍ଟନରେ ଆସିଥାଏ । ତଥାପି ସ୍ଲିମ୍ ଓ ଷ୍ଟ୍ରେଟ୍ କଟ୍ ଡିଜାଇନ୍‌ରେ ଆସୁଥିବା କାର୍ଗୋ ପ୍ୟାଣ୍ଟଗୁଡ଼ିକ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗିଥାଏ । କେହି କେହି ତ ଓଭର୍ ସାଇଜ୍ କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ବି ପସନ୍ଦ କରିଥାନ୍ତି । ତେବେ ଯାହାବି ପିନ୍ଧନ୍ତୁ, ତାହା ଯେମିତି ଆପଣଙ୍କ ହାଇଟ୍ ଓ ପର୍ସନାଲିଟିକୁ ସୁଟ୍ କରୁଥିବ, ସେଥିପ୍ରତି ଧ୍ୟାନ ଦେବା ନିହାତି ଆବଶ୍ୟକ ।

*ଫ୍ୟାବ୍ରିକ୍ କେମିତି ହେବା ଦରକାର: ଅନ୍ୟସବୁ ଫାବ୍ରିକ୍ ତୁଳନାରେ କଟନ୍ କପଡ଼ାରେ ତିଆରି କାର୍ଗୋ ପ୍ୟାଣ୍ଟ ଦେଖିବାକୁ ଯେମିତି ସୁନ୍ଦର ଲାଗେ ପିନ୍ଧିବାକୁ ସେମିତି କମ୍ଫର୍ଟେବଲ୍ ହୋଇଥାଏ ।

* ଟି-ଶାର୍ଟ ସହିତ ମ୍ୟାଚିଂ: ଏହି ଭଲ ମାନିଥାଏ । ବିଶେଷକରି ଟର୍ଟଲ୍ ନେକ୍ ତଥା ଚଙ୍କି କ୍ରିଉ ନେକ୍ ବାଲା ଟି-ଶାର୍ଟ ଅଧିକ ଫ୍ୟାଶନେବଲ୍ ଲାଗିଥାଏ ।

* ପ୍ରିଣ୍ଟେଡ୍ କାର୍ଗୋ ପ୍ୟାଣ୍ଟ: ଯୁବପିଢିଙ୍କ ଗହଣରେ ଏହି ପ୍ୟାଣ୍ଟର ବି ଭଲ ଚାହିଦା ରହିଥାଏ । ସବୁଠୁ ବଡ଼ କଥା ହେଉଛି ପ୍ରିଣ୍ଟେଡ୍ କାର୍ଗୋ ପ୍ୟାଣ୍ଟ ସହିତ ଯେ କୌଣସି ରଙ୍ଗ ହେଉ ଅବା ପାର୍ଟନର ଶାର୍ଟ ଆରାମରେ ପିନ୍ଧିହୁଏ ।



* ଫର୍ମାଲ୍ ଲୁକ୍ ବି ଦିଏ; ସାଙ୍ଗସାଥୀଙ୍କ ସହ ଗେଟ୍ ଟୁଗେଦର୍ ହେଉ ଅବା ଆଉଟିଂରେ ଗଲାବେଳେ ଅନେକେ କାର୍ଗୋ ପ୍ୟାଣ୍ଟ ପିନ୍ଧିବାକୁ ପସନ୍ଦ କରିଥାନ୍ତି । ତେବେ କାର୍ଗୋ ପ୍ୟାଣ୍ଟ ଯେ କେବଳ କାଜୁଆଲ୍ ଲୁକ୍ ପାଇଁ ଫିଟ୍ ତାହା ନୁହେଁ ଏହାକୁ ଅଫିସିଆଲି ମଧ୍ୟ କ୍ୟାରି କରିହେବ । ଏଥିପାଇଁ କେବଳ ଖାକି ରଙ୍ଗର କାର୍ଗୋ ପ୍ୟାଣ୍ଟଟିଏ ଦରକାର । ଏହି ପ୍ୟାଣ୍ଟ ସାଙ୍ଗକୁ ଧଳା ରଙ୍ଗର ଶାର୍ଟ ଓ କୋଟ୍, ତା'ସାଙ୍ଗକୁ ଘଣ୍ଟା ଓ ବେଲ୍ଟ ପିନ୍ଧିଦେଲେ ଆରାମରେ ଫର୍ମାଲ୍ ଲୁକ୍ ମିଳିଯିବ ।

**ସ୍ନିକର୍ସ:** କାଜୁଆଲ୍ ଲୁକ୍ ପାଇଁ କାର୍ଗୋ ପ୍ୟାଣ୍ଟ ସହିତ ସ୍ନିକର୍ସ ବହୁତ ଭଲ ଲାଗିଥାଏ । ତେବେ ଷ୍ଟାଇଲିଶ୍ ଲୁକ୍ ପାଇଁ କେହି କେହି ଏହା ସହିତ ସୁଜ୍ ହେଉ ଅବା ହିଲ୍ ବି ପିନ୍ଧିଥାନ୍ତି ।

## ରକ୍ତିମ ହ୍ରଦ ଭିତରେ ଯାଉଛି ଟ୍ରେନ୍

ଆମେ ବେଳେବେଳେ ଏମିତି କିଛି ଦେଖୁଥାଉ ଯାହାକୁ ବିଶ୍ୱାସ କରିବା ସମ୍ଭବ ହୁଏନା । ଲାଗେ ତାହା ସତ ନୁହେଁ ମିଛ । ସାଇବେରିୟାରେ ଥିବା ଏକ ଜାଗାର ଦୃଶ୍ୟକୁ ବି ଅନେକେ ଫେକ୍ ବୋଲି ଭାବନ୍ତି । ଏଠାରେ ବର୍ଲିନସ୍କୋଇ ନାମକ ଏକ ହ୍ରଦ ଅଛି, ଯାହାକି ପିଙ୍କ ଲେକ୍ ଭାବେ ବେଶ୍ ପରିଚିତ । ଏହା କାଜାକିସ୍ତାନ ସୀମାରେ ରହିଛି । ଆଉ ଖରାଦିନରେ ଉକ୍ତ



ହ୍ରଦଟି ଆଶ୍ଚର୍ଯ୍ୟଜନକଭାବେ ରଙ୍ଗ ପରିବର୍ତ୍ତନ କରି ଲାଲ ରଙ୍ଗରେ ପରିବର୍ତ୍ତିତ ହୋଇଯାଏ । ବୈଜ୍ଞାନିକଙ୍କ ମତରେ ଏହି ଋତୁରେ ହ୍ରଦଟିରେ ଆର୍ଟେମିଆ ସାଲିନା ନାମକ ଜୀବଙ୍କ ସଂଖ୍ୟା ବଢିଯାଏ, ଯାହାଙ୍କ ଆକାର ବହୁତ ଛୋଟ । ଏହି ଜୀବଙ୍କର ହିମୋଗ୍ଲୋବିନ୍ ପିଗମେଣ୍ଟେସନ୍ ଘଟି ହ୍ରଦର ରଙ୍ଗ ଲାଲ ହୋଇଥାଏ । ଆଉ ଏକ କଥା ଉକ୍ତ ହ୍ରଦ ମଝିରେ ଏକ ରେଳ ଧାରଣା ବି ଯାଇଛି । ଯାହା ମଧ୍ୟ ଦେଇ ରେଳ ଯିବା ଆସିବା କରିଥାଏ । ରକ୍ତିମ ଲାଲ ହ୍ରଦକୁ ଚିରି ଯେବେ ରେଳ ଦ୍ରୁତ ଗତିରେ ଯାଏ ତାହା ଏକ ସ୍ୱପ୍ନର ଦୃଶ୍ୟ ପରି ଲାଗେ । ନିକଟରେ ଏହି ଦୃଶ୍ୟର ଏକ ଭିଡିଓ ବେଶ୍ ଭାଇରାଲ ହୋଇଛି । ଅନେକେ ତ ଏହାକୁ ଫେକ୍ ବି ଭାବୁଛନ୍ତି । କିନ୍ତୁ ଏହା ବାସ୍ତବ । ଉକ୍ତ ହ୍ରଦ ମଧ୍ୟସ୍ଥ ରେଳଧାରଣାର ଭିତ୍ତିଭୂମି ସୋଭିଏତ କାଳରୁ ସ୍ଥାପିତ ହୋଇଛି ।



Scanned with OKEN Scanner

### କୁମାରପୁର ଆବାସ ଦୁର୍ନୀତି ଘଟଣାରେ ଭାଜପା ନେତା ଅଭୟଙ୍କ ସାମ୍ବାଦିକ ସମ୍ମିଳନୀ

## ଆଠଗଡ଼ ବିଡ଼ିଓ ଥାନାରେ ଦେଲେ ଏତଲା



ଆଠଗଡ,୩୧/୫ (ଆପଣଙ୍କ ସ୍ୱର):କଟକ ଜିଲ୍ଲା ଆଠଗଡ଼ ବ୍ଲକ ଅନ୍ତର୍ଗତ କୁମାରପୁର ପଂଚାୟତରେ ଦଳିତ ଆଦିବାସୀ ପରିବାରଙ୍କର ହୋଇଥିବା ବହୁ ଚର୍ଚ୍ଚିତ ଆବାସ ଦୁର୍ନୀତି ଘଟଣାରେ ନୂଆମୋଡ଼। ଗତ ୯ ତାରିଖ ଦିନ ଆଠଗଡ଼ ଭାଜପା ନେତା ଅଭୟ କୁମାର ବାରିକଙ୍କ ଅନୁରୋଧକୁ ରକ୍ଷା କରି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଏହି ଗସ୍ତ ପରେ ଆଠଗଡ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠିଥିଲା। ଆୟହଗଡ଼ ବିଡିଓ ଆକାଶ କୁମାର ପଣ୍ଡା କୁମାରପୁର ଆବାସ ଦୁର୍ନୀତିକୁ ନେଇ ଗୁରୁଡିଝାଟିଆ ଥାନାରେ ସରକାରୀ ଅର୍ଥ ଆତ୍ମସାତ ନେଇ ଏକ ଏତଲା ଦାୟର କରିଛନ୍ତି । ଏହାକୁ ନେଇ ଆଠଗଡ ଭାଜପା ପ୍ରାର୍ଥୀ ତଥା ଯୁବ ନେତା ଅଭୟ କୁମାର ବାରିକ୍ କୁମାରପୁର ଠାରେ ଏକ ଖବରଦାତା ସମ୍ମିଳନୀ କରି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଖବରଦାତା ମାନଙ୍କୁ ଅଭୟ କହିଛନ୍ତି ଭାଜପା ସରକାର ହେଉଛି ଲୋକଙ୍କ ସରକାର । ଗରିବ ଦଳିତ ଆଦିବାସୀ ପରିବାରଙ୍କ ନାମରେ ଆସୁଥିବା ଆବାସ ଅର୍ଥ ଲୁଟ୍ କରିଥିବା ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଆଠଗଡ ବିଧାୟକଙ୍କ ଘନିଷ୍ଠ ସହଯୋଗୀ ରଞ୍ଜନ ଆଚାର୍ଯ୍ୟଙ୍କୁ ଖୁବ୍ ଶୀଘ୍ର ଜେଲ୍ ପଠା ଯିବ ବୋଲି ସେ ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି। ଆଠଗଡ ବିଡ଼ିଓ ଗୁରୁଡ଼ିଝାଟିଆ ଥାନାରେ କିଭଳି କୁମାରପୁର ଆବାସ ଦୁର୍ନୀତି ଘଟଣା ସମ୍ପର୍କରେ ଏତଲା ଦାୟାର ନ କରିବେ ସେଥିପାଇଁ ତାଙ୍କ ଉପରେ ଚାପ ପକାଇବା ସହ ଧମକ ଦେଉଥିବା ସାମ୍ବାଦିକ ସମ୍ମିଳନୀରେ ଖୋଲାସା କରିଛନ୍ତି ଅଭୟ । ଏଥି ସହିତ କୁମାରପୁରରେ ୩ଶହରୁ ଉର୍ଦ୍ଧ୍ୱ ନୀରିହ ଆଦିବାସୀଙ୍କ ନାମରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଆଠଗଡ ବିଧାୟକଙ୍କ ସହଯୋଗୀ ଆତ୍ମସାତ କରିଥିବାର ତଥ୍ୟ ଭିତ୍ତିକ ପ୍ରମାଣ ଦେଇଛନ୍ତି ଅଭୟ । ଏହି ଘଟଣାକୁ ସରକାର ଗୁରୁତର ଭାବରେ ନେଇଛନ୍ତି । ଖୁବ୍ ଶୀଘ୍ର ସମ୍ପୃକ୍ତ ସମସ୍ତ ଅଭିଯୁକ୍ତ ମାନେ ଗିରଫ ହେବେ ବୋଲି ସ୍ପଷ୍ଟ କରିଛନ୍ତି ଅଭୟ । ଏ ସମ୍ପର୍କରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରେ ସେ ତାଙ୍କ ପ୍ରତିକ୍ରିୟାରେ ମୁଁ ଏପର୍ଯ୍ୟନ୍ତ ଜାଣି ନାହିଁ କିଏ କାହା ବିରୁଦ୍ଧରେ ଏତଲା ଦେଇଛନ୍ତି । ଏତଲା ଦେଲେ ଯିଏ ଦୋଷ କରିଥିବ ସେ ଜେଲ ଯିବ, ମୋ ବିରୁଦ୍ଧରେ କିଏ ଅଭିଯୋଗ କଲେ ନକଲେ ମୋର ଯାଏଆସ ନାହିଁ ବୋଲି କହିଥିଲେ । ଏ ସମ୍ପର୍କରେ ଆଠଗଡ଼ ବିଡିଓ ଆକାଶ କୁମାର ପଣ୍ଡାଙ୍କ ସହିତ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନଥିଲା । ଏ ଘଟଣା ଏବେ ସମଗ୍ର ଆଠଗଡରେ ଚର୍ଚ୍ଚାର ବିଷୟ ପାଲଟିଛି । ଯଦି ଅଭୟଙ୍କ ଅଭିଯୋଗ ସତ୍ୟ ହୋଇଥାଏ ତେବେ ସେ ଯେତେ ବଡ଼ ଦୋଷୀ ହୋଇଥାନ୍ତୁନା କାହିଁକି କୌଣସି ପ୍ରକାର ଖସିଯାଇ ପାରିବେ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି ।

## ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଔପଦା, ୩୧/୫ (ଆପଣଙ୍କ ସ୍ୱର):ବାଲେଶ୍ୱର ଜିଲ୍ଲାର ଔପଦା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଔପଦା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୮୩ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୭୨ ଗୋଟି ବ୍ୟକ୍ତିଗତ ଓ ୧୧ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ । ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୮ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ, ନୀଳଗିରି ଶ୍ରୀମତୀ ଶୁଭଶ୍ରୀ ରଥ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଅମୂଲ୍ୟ କୁମାର ଦାସ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ, ବାଲେଶ୍ୱର ଡଃ ମଧୁସ୍ମିତା ସାମନ୍ତରାୟ, ବିଡିଓ, ଔପଦା ଶ୍ରୀମତୀ ଶାଶ୍ୱତୀ ସାଧୁଆଲ, ତହସିଲଦାର, ଔପଦା ଶ୍ରୀମତୀ ପ୍ରଜ୍ଞା ପରମିତାଙ୍କ ସହିତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

### ଥାନା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ

## ପୋଲିସ ଦ୍ୱାରା ପରିବାର କାବୁ

କଟକ/ମାହାଙ୍ଗା,୩୧/୫ (ଆପଣଙ୍କ ସ୍ୱର): କଟକ ଜିଲ୍ଲା ଭଦ୍ରେଶ୍ୱର ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଅଳ୍ପକେ ବର୍ତ୍ତି ଗଲେ ୮ ଜଣ ପରିବାର ଲୋକେ ।



ହାତରେ ପେଟ୍ରୋଲ ଦିଆସିଲି ଓ ଦଉଡ଼ି ଧରି ଥାନାକୁ ଆସି ଆତ୍ମହତ୍ୟା କରିବା ପୂର୍ବରୁ ପୋଲିସ ଜବତ କରିଛି । ତେବେ ଅନ୍ୟପଟେ ମହିଳା ମାନେ କହୁଛନ୍ତି କି ପିନ୍ଧିଥିବା ଶାଢ଼ୀରେ ଆତ୍ମହତ୍ୟା କରିବେ ଯଦି ନ୍ୟାୟ ନମିଳିଲେ । ଏଭଳି ଘଟଣା ଦେଖିବାକୁ ମିଳିଛି ଭଦ୍ରେଶ୍ୱର ଥାନା ଶାହା ନିଆଜପୁର ଗ୍ରାମରେ । ଶାହା ନିଆଜପୁର ଗ୍ରାମର ରଘୁନାଥ ସୂତାର ଘରକୁ ପଡ଼ୋଶୀ ମଦନ ମୋହନ ସୂତାର ବାରମ୍ବାର ଘର ନକରିବାକୁ ଧମକ ଦେଉଥିବା ନେଇ ଏତଲା ଦେଇଥିଲେ ରଘୁନାଥ ସୂତାର । ଏପରିକି ଏହି ଘଟଣା କେବଳ ଥାନାରେ ସୀମିତ ହୋଇ ରହିନାହିଁ ବରଂ କୋର୍ଟ ମଧ୍ୟ କେସ ହୋଇଛି । ତେବେ ବାରମ୍ବାର ଘର ନିର୍ମାଣ କରିବାକୁ ଚେଷ୍ଟା କରିବାରୁ ବନ୍ଦ କରିଛନ୍ତି ପୋଲିସ ଓ ବିପକ୍ଷ ପାର୍ଟି ମଦନ ମୋହନ ସୂତାର । ଶେଷରେ ଆଜି ପୁଣି ଭଦ୍ରେଶ୍ୱର ଥାନାରେ ଏତଲା ଦେବା ସହ ପେଟ୍ରୋଲ ଓ ଦଉଡ଼ି ଧରି ଆତ୍ମହତ୍ୟା କରିବାକୁ ଚେଷ୍ଟା କରିବାରୁ ପୋଲିସ ତାଙ୍କୁ ଅଟକ ରଖିଛି । ଅନ୍ୟପଟେ ଯଦି ଆଜି ଭିତରେ କିଛି ସମାଧାନ ସହ ନ୍ୟାୟ ନ ମିଳେ ତାହାହେଲେ ରଘୁନାଥ ଙ୍କ ୮ ପରିବାର ଲୋକେ ଥାନା ସମ୍ମୁଖରେ ଆତ୍ମହତ୍ୟା କରିବାକୁ ଚେତାବନୀ ଦେଇଛନ୍ତି ।

## ଯାଜପୁରର ବିଭିନ୍ନ ବ୍ଲକରେ ସ୍ୱତନ୍ତ୍ର ସଘନ ସଂଶୋଧନ ତାଲିମ କାର୍ଯ୍ୟକ୍ରମ

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟାକୁ ସୁଚାରୁ ରୂପେ ତୁଲାଇବା ପାଇଁ ଆଜି ସୁକିନ୍ଦା, ବରୀ, ଧର୍ମଶାଳା, ବିଂଝାରପୁର, ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦାନଗଦି, ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ



ରସୁଲପୁର, ଦଶରଥପୁର, କୋରେଇ, ବରୀ, ବିଂଝାରପୁର, ଯାଜପୁର ବ୍ଲକ, ଯାଜପୁର ମୁନିସିପାଲିଟିରେ ବୁଥ ସ୍ତରୀୟ ଅଧିକାରୀ (ବିଏଲଓ) ଏବଂ ବିଏଲଓ ସୁପରଭାଇଜରମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବିଡ଼ିଓ, ତହସିଲଦାର ଏବଂ ଅତିରିକ୍ତ ତହସିଲଦାର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ ।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପାଇଁ ଜିଲ୍ଲାସ୍ତରୀୟ ବୈଠକ

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର): ସାରା ରାଜ୍ୟରେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ଲାଗୁ କରାଯାଇଛି। ଏହିକ୍ରମରେ ଯାଜପୁର ଜିଲ୍ଲାରେ ଏସଆଇଆର୍ ଆରମ୍ଭ ହେବ। ସେଥିପାଇଁ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏସଆଇଆର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା। ଏଥିରେ ମୃତ ବ୍ୟକ୍ତିଙ୍କ ନାମ ଏବଂ ଡୁପ୍ଲିକେଟ ନାମଗୁଡିକୁ ଚିହ୍ନଟ କରାଯାଇ ତାଲିକାରୁ ହଟାଯିବ। ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ। ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ବୃଦ୍ଧି କରିବା ପାଇଁ ଏସଆଇଆର ଲାଗୁ କରାଯାଉଛି। ଏହି ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ମଧ୍ୟ ଯୋଗ ଦେଇଥିଲେ। ନୂଆ ବୁଥ ସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜର ନିଯୁକ୍ତି ପାଇଁ ବ୍ଲକ୍ ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ବୁଥ ସ୍ତରୀୟ ଏଜେଣ୍ଟଙ୍କ ତାଲିକା ପ୍ରଦାନ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳଙ୍କୁ ଅନୁରୋଧ କରାଯାଇଛି। ରାଜନୈତିକ ଦଳ ସେମାନଙ୍କ ମତାମତ ଜିଲ୍ଲାପାଳ କିମ୍ବା ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ) ମାନଙ୍କୁ ଲିଖିତ ଆକାରରେ ଜଣାଇବା ପାଇଁ ଅନୁରୋଧ କରାଯାଇଥିଲା। ନିର୍ବାଚନ ପଞ୍ଜୀକରଣ ଅଧିକାରୀ



ସେମାନଙ୍କ ବୁଥ ସ୍ତରୀୟ ଅଧିକାରୀଙ୍କ ସହ ମ୍ୟାପିଙ୍ଗ ଏବଂ ଏସଆଇଆର ସମ୍ପର୍କରେ ଆଲୋଚନା କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଜୁଲାଇ ୧ ତାରିଖକୁ କ୍ୱାଲିଫାଇଙ୍ଗ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି। ଜୁନ୍ ୨୮ ସୁଦ୍ଧା ପୋଲିଂ ଷ୍ଟେସନଗୁଡିକର ରାସନାଲାଇଜେଶନ କରାଯିବ। ମଇ ୩୦ ରୁ ଜୁନ୍ ୨୮ ଯାଏଁ ବିଏଲଓଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ଜୁଲାଇ ୫ ରେ ଡ୍ରାଫ୍ଟ ମତଦାତା ତାଲିକା ପ୍ରକାଶିତ ହେବ ଏବଂ ଜୁଲାଇ ୫ ରୁ ଅଗଷ୍ଟ ୪ ଯାଏଁ ଜନସାଧାରଣ ଆପତ୍ତି ଆବେଦନ କରିପାରିବେ। ସେପ୍ଟେମ୍ବର ୬ ତାରିଖରେ ଫାଇନାଲ ମତଦାତା ତାଲିକା ପ୍ରକାଶିତ ହେବ। ସୂଚନାଯୋଗ୍ୟ, ରାସନାଲାଇଜେଶନ ହେବା ପରେ ଯାଜପୁର ଜିଲ୍ଲାରେ ମୋଟ ୭ ଟି ଆସନରେ ୨୦୪୬ ଟି ପୋଲିଂ ଷ୍ଟେସନ୍ ରହିଛି। ଜିଲ୍ଲାରେ ମୋଟ ୨୦୫ ଜଣ ବିଏଲଓ ସୁପରଭାଇଜର ଏବଂ ୨୦୪୬ ଜଣ ବୁଥ ସ୍ତରୀୟ ଅଧିକାରୀ ନିଯୋଜିତ ଅଛନ୍ତି। ମଇ ୨୦୨୬ ସୁଦ୍ଧା ଯାଜପୁର ଜିଲ୍ଲାରେ ମୋଟ ୧୫,୩୭,୧୦୧ ଜଣ ମତଦାତା ଅଛନ୍ତି। ସେଥିରେ ପୁରୁଷ ମତଦାତାଙ୍କ ସଂଖ୍ୟା ୭,୮୯,୪୬୧ ଏବଂ ମହିଳା ମତଦାତାଙ୍କ ସଂଖ୍ୟା ୭,୪୭,୫୮୦ ରହିଛି। ଏହାସହ ମ୍ୟାପିଙ୍ଗ ଏବଂ ଏସଆଇଆର ପ୍ରକ୍ରିୟାରେ ମତଦାତା ସଂଶୋଧନ କାମକୁ ଦାୟିତ୍ୱର ସହ ତୁଲାଇବା ପାଇଁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ଅଶୋକ ଦେହୁରୀ, ଅତିରିକ୍ତ ଉନ୍ନୟନ ଅଧିକାରୀ, ଅତିରିକ୍ତ ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ହାଇୱା-ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା, ହାଇୱା ଡ୍ରାଇଭର ଗୁରୁତର



ଆଠଗଡ଼୩୧/୫ (ଆପଣଙ୍କ ସ୍ୱର): ତିଗିରିଆ ବଜାର ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଯାଇଛି। ଏକ ହାଇୱା ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ହାଇୱା ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣାର ଭୟାବହତା ଏତେ ଅଧିକ ଥିଲା ଯେ ହାଇୱାର ସାମ୍ନା ଅଂଶ ପୂରାପୂରି ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଇଥିଲା ଏବଂ ଡ୍ରାଇଭର ଗାଡ଼ି ଭିତରେ ଫସି ରହିଥିଲେ। ଖବର ପାଇ ତିଗିରିଆ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି କଟର ସାହାଯ୍ୟରେ ହାଇୱାକୁ କାଟି ଡ୍ରାଇଭରଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଆହତ ଡ୍ରାଇଭର ଜଣଙ୍କ ଗଞ୍ଜାମ ଜିଲ୍ଲା ବୁଗୁଡା ଅଞ୍ଚଳର ମନୋଜ ନାୟକ ବୋଲି ଜଣାପଡ଼ିଛି। ପ୍ରଥମେ ତାଙ୍କୁ ସ୍ଥାନୀୟ ଚିକିତ୍ସାଳୟକୁ ନେଇଯାଇଥିବା ବେଳେ ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଏହି ଖବର ପାଇବା ପରେ ତିଗିରିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଇ ଯାତାୟାତ ସ୍ୱାଭାବିକ କରିଥିଲେ। ଗାଡ଼ି ଦୁଇଟି ଜବତ୍ କରି ତଦନ୍ତ ଆରମ୍ଭ କରିଛି ତିଗିରିଆ ପୋଲିସ।

## ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପାଇଁ ତାଲିମ କାର୍ଯ୍ୟକ୍ରମ

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର): ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଏବଂ ଅନଧିକୃତ ପ୍ରବାସୀ କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ବିଲୋପ କରିବା ଉଦ୍ଦେଶ୍ୟ ନେଇ ଯାଜପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର୍ ପ୍ରକ୍ରିୟା ଆରମ୍ଭ ହେଉଛି। ଏହି କ୍ରମରେ ଆଜି ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବୁଥ ସ୍ତରୀୟ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସତର୍କତା ନିୟମାବଳୀ ଅବଲମ୍ବନ କରି କାର୍ଯ୍ୟ ସମ୍ପାଦନ କରିବାକୁ ବିଏଲଓମାନଙ୍କୁ ପରାମର୍ଶ ଦିଆଯାଇଛି। ବଡ଼ଚଣା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ବିଡ଼ିଓ ରବୀନ୍ଦ୍ର କୁମାର ବେହେରା,



ଅଧିକାରୀ (ବିଏଲଓ)ମାନଙ୍କ ଏସଆଇଆର ଭୋଟର ତାଲିକା ସଂଶୋଧନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଏସଆଇଆର୍ ସମୟ ସାରଣୀ, ଏନୁମେରେସନ୍ ଫର୍ମ ବିତରଣ ଓ ସଂଗ୍ରହ, ବିଏଲଓ ଏବଂ ବିଏଲଓ ସୁପରଭାଇଜରଙ୍କ ଦାୟିତ୍ୱ, ଫର୍ମ ପୂରଣ ପ୍ରକ୍ରିୟା ଇତ୍ୟାଦି ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମାର୍ଗଦର୍ଶିକା କ୍ରମେ ଡେପୁଟି କଲେକ୍ଟର ମନୀଷା ଜେନା, ତହସିଲଦାର ମାନସ ତ୍ରିପାଠୀ ପ୍ରଶିକ୍ଷଣ ଦେଇଥିଲେ। ସୂଚନାଯୋଗ୍ୟ, ମଇ ୩୦ ରୁ ଜୁନ୍ ୨୮ ଯାଏଁ ବିଏଲଓମାନଙ୍କ ଦ୍ୱାରା ଘର ଘର ବୁଲି ସର୍ଭେ କରାଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ୨୦୬ ଜଣ ବୁଥ ସ୍ତରୀୟ ଅଧିକାରୀ, ୨୧ ଜଣ ବିଏଲଓ ସୁପରଭାଇଜର ଏବଂ ସ୍ୱେଚ୍ଛାସେବୀମାନେ ତାଲିମ ଗ୍ରହଣ କରିଛନ୍ତି।

## ଖରିଫ ଋତୁରେ ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନର ସଚେତନତା ରଥ

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର): ଖରିଫ ୨୦୨୫-୨୬ ବିପଣନ ଋତୁରେ ରବି ଧାନ ସଂଗ୍ରହ ପାଇଁ ଚାଷୀଙ୍କ ସଚେତନତା ନିମନ୍ତେ ପ୍ରଚାର ରଥକୁ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ ଉଦଘାଟନ କରିଛନ୍ତି । ଚଳିତ ଖରିଫ ବିପଣନ



ବର୍ଷ ନିମନ୍ତେ ପଞ୍ଜୀକୃତ ଚାଷୀ ଭାଇ ଭଉଣୀମାନଙ୍କଠାରୁ ୩୦ ଟି ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଧାନ କ୍ରୟ କରାଯାଉଛି। ପଞ୍ଜୀକୃତ ଚାଷୀମାନେ ସମ୍ପୃକ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନଙ୍କ ସହ ଯୋଗାଯୋଗ କରି ସେମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଧାନ କ୍ରୟ ସମ୍ବନ୍ଧରେ ଆସିଥିବା ବାର୍ତ୍ତା (ଟୋକନ ନମ୍ବର, ତାରିଖ, ଧାନର ପରିମାଣ ଇତ୍ୟାଦି) ଅନୁସାରେ ନିର୍ଦ୍ଧାରିତ ତାରିଖ ଓ ପରିମାଣ ଅନୁଯାୟୀ ବିକ୍ରିଯୋଗ୍ୟ ବଳକା ଧାନ ବିକ୍ରି କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଚଳିତ ଖରିଫ ଧାନ କ୍ରୟରେ ବଡ଼ଚଣା, ବିଂଝାରପୁର, ଦଶରଥପୁର, ଯାଜପୁର, କୋରେଇ, ସୁକିନ୍ଦା ବ୍ଲକର ପ୍ରାଥମିକ କୃଷି ସମବାୟ ସମିତି ଅଂଶଗ୍ରହଣ କରୁଛନ୍ତି । ଚଳିତ ଖରିଫ ବର୍ଷରେ ଜିଲ୍ଲାରେ ମୋଟ ୪୬୦୩ ଜଣ କୃଷକ ପଞ୍ଜୀକରଣ କରିଛନ୍ତି। ଏହି ପ୍ରଚାର ରଥ ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ଦିଲ୍ଲୀପ ପାଣିଗ୍ରାହୀ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଡିଆରସିଏସ ଅମୂଲ୍ୟ କୁମାର ସେଠୀ, ସହକାରୀ ନିବନ୍ଧକ ନିହାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଦଶରଥପୁର ବ୍ଲକରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୭ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର




ରହି ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୧୫୩ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦଶରଥପୁର ଆକାଶ ପଟ୍ଟନାୟକ, ତହସିଲଦାର , ଦଶରଥପୁର ଶୁଭ୍ରାଂଶୁ ସାହୁ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର - ୨୦୨୫ ପାଇଁ ମନୋନୟନ ପତ୍ର ଆହ୍ୱାନ

ଯାଜପୁର, ୩୧/୫ (ଆପଣଙ୍କ ସ୍ୱର):ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ପକ୍ଷରୁ ବିଭିନ୍ନ କ୍ରୀଡ଼ା ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର- ୨୦୨୫ ପାଇଁ ମନୋନୟନ ପତ୍ର ଆହ୍ୱାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନଙ୍କ ଅବଦାନକୁ ସ୍ୱୀକୃତି ସହ ସମ୍ବର୍ଦ୍ଧନା ଦେବା ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ଆବେଦନ କିମ୍ବା ମନୋନୟନର ଶେଷ ତାରିଖ ୧୦ ଜୁନ୍ ୨୦୨୬ ଅପରାହ୍ନ ୫ ଘଟିକା ଯାଏଁ ଧାର୍ଯ୍ୟ କରାଯାଇଛି। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ୧୯ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ୨୯ ଅଗଷ୍ଟରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡାବିତ, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡାବିତ ଏବଂ ବର୍ଷର ଶ୍ରେଷ୍ଠ କ୍ରୀଡା ବୈଷୟିକ ଅଧିକାରୀ/ ସହକାରୀ କର୍ମକର୍ତ୍ତା ଭଳି ୮ ଟି ବର୍ଗରେ ମନୋନୟନ ପାତ୍ର ଆହ୍ୱାନ କରାଯାଇଛି। ବିଭିନ୍ନ ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ସବିଶେଷ ମାର୍ଗଦର୍ଶିକା, ପୁରସ୍କାର ରାଶି, ଆବେଦନ ପାଇଁ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗ ୱେବସାଇଟରେ ଉପଲବ୍ଧ ଅଛି। କ୍ରୀଡ଼ା ବିଭାଗର ନିର୍ଦ୍ଦେଶକଙ୍କ ପକ୍ଷରୁ ଜାରି ନୋଟିଫିକେସନ୍ ଅନୁଯାୟୀ, ଆବେଦନକାରୀ ଅଫଲାଇନ ପଦ୍ଧତିରେ ମନୋନୟନ ପତ୍ର ଦାଖଲ କରୁଥିଲେ ମନୋନୟନ ପତ୍ର ଓ ସମସ୍ତ ସମ୍ପର୍କିତ କାଗଜପତ୍ର ସହିତ "ନିର୍ଦ୍ଦେଶକ, କ୍ରୀଡ଼ା, କ୍ରୀଡ଼ା ଓ ଯୁବସେବା ବିଭାଗ, କଳିଙ୍ଗ ଷ୍ଟାଡିୟମ, ନୂଆପଲ୍ଲୀ, ଭୁବନେଶ୍ୱର- ୭୫୧୦୧୨" ଠିକଣାରେ ଡାକ କିମ୍ବା କୋରିଅର ସେବା ଯୋଗେ ପ୍ରେରଣ କରିପାରିବେ। ଯାଜପୁର ଜିଲ୍ଲାର ଇଚ୍ଛୁକ ଆବେଦନକାରୀ କ୍ରୀଡାବିତଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ସମ୍ବନ୍ଧୀୟ ସୂଚନା ଦିଆଯାଇଛି।

Scanned with OKEN Scanner

